### ଦୁଇ ବାଇକ୍ ମଧ୍ୟରେ ଧକ୍କା

## ତିନି ବର୍ଷର ଶିଶୁ ସମେତ ୪ ମୃତ

**କନ୍ଧମାଳ,୫।୩/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁଇ ବାଇକ ମୁହାଁମୁହିଁ ହେବା ଫଳରେ ଜଣେ ତିନି ବର୍ଷର ଶିଶୁ ସମେତ ଚାରି ଜଣଙ୍କ ମୃତ୍ୟୁ ହୋଇ ଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ମାନେ ହେଲେ, ଫିରିଙ୍ଗିଆ ଥାନା ପାଙ୍ଗା ପଞ୍ଚାୟତ ପଟିଲିପିଡିଆ ଗ୍ରାମର ବାବୁଲା କହଁର(୩୮), ବାମନ କହଁର(୩୫), କାର୍ତ୍ତିକ କହଁର(୩) ଓ ସଲାଗୁଡା ପଞ୍ଚାୟତ ଟକେରୀଗୁଡା ଗ୍ରାମର ଟିଲୁ ଦିଗାଲ(୩୦)। ବନିତା କହଁର ନାମକ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବାବୁଲା,ବାମନ, ବନିତା ଓ କାର୍ତ୍ତିକ ଏକ ବାଇକରେ ଗୋଚ୍ଛାପଡା ଅଞ୍ଚଳରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ବନ୍ଧୁଲି ଛକ ନିକଟରେ ଅନ୍ୟ ଏକ ବାଇକରେ ବାଲନ୍ଦାପଡା ଆଡକୁ ଯାଉଥିବା ଟିଲୁ ଦିଗାଲଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଗୁରୁତର ହୋଇଥିଲେ। ସ୍ଥାନୀୟ ବିଜେପି ନେତା ବାବୁଲା କହଁର ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ମାନଙ୍କୁ ଉଦ୍ଧାର କରି ନିଜ ଗାଡିରେ ଗୋଚ୍ଛାପଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବାବୁଲା, ବାମନ, କାର୍ତ୍ତିକ ଓ ଟିଲୁଙ୍କୁ ମୃତ ଘୋଷଣା କରିଥିଲେ। ବନିତା ଏବେ ଏଠାରେ ଚିକିତ୍ସାଧୀନ ଅଛନ୍ତି। ଗୋଚ୍ଛାପଡା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ କରୁଛି।

## କୋର୍ଟ ସାମ୍ନାରେ ଯୁବକଙ୍କୁ ହତ୍ୟା

**ବ୍ରହ୍ମପୁର,୫।୩/ଏନ୍ଏନ୍ଏସ୍:** ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରା ଜଜଙ୍କ କୋର୍ଟ ସମ୍ମୁଖ ରାସ୍ତାରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଫାର୍ସାରେ ହାଣି ହତ୍ୟା କରାଯାଇଛି। ସର୍ବସାଧାରଣଙ୍କ ଗହଳ ଚହଳ ଲାଗି ରହିଥିବା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ଏକ ହତ୍ୟାକାଣ୍ଡ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ସୂଚନା ଅନୁସାରେ, ଆଜି ଅପରାହ୍ନ ସାଢେ ୨ଟା ସମୟରେ ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମର ରାମନାଥ ସ୍ୱାଇଁଙ୍କ ପୁଅ ଅଶୋକ (୪୫) ଏକ କେସ୍ ମାମଲାର ବାଇଦାରେ ହାଜର ହେବାକୁ କୋର୍ଟକୁ ଆସୁଥିଲେ। ଏହି ସମୟରେ ଥାନା ଅନ୍ତର୍ଗତ ଡିହ ପଡାଳ ଗ୍ରାମର ଦିଲ୍ଲୀପ ଜେନା(୪୫) ନାମକ ଜଣେ ଯୁବକ ଅତର୍କିତ ଅଶୋକଙ୍କୁ ଫାର୍ସାରେ ଚୋଟ ପରେ ଚୋଟ ପକାଇଥିଲା। ଅଶୋକଙ୍କ ଶରୀରର ଦେହ ମୁଣ୍ଡ ସବୁଠି ୨୦ରୁ ଉର୍ଦ୍ଧ୍ୱ ଚୋଟ ମାରିବା ପରେ ଦିଲ୍ଲୀପଙ୍କୁ କୋର୍ଟ ପରିସରରେ ଥିବା ପୁଲିସ କାବୁ କରି ଥାନାକୁ ନେଇଥିଲେ। ସେହିପରି ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଅଶୋକଙ୍କୁ ପାଖରେ ଥିବା ମେଡ଼ିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଦିଲ୍ଲୀପ ପୂର୍ବରୁ ଅଶୋକ ନାମରେ ଟଙ୍କା ପଇସା ଦେଣନେଣ ମାମଲା ସହ ଅନେକ ସଂଗୀନ ଆରୋପ କରିଥିଲେ। ପୁଲିସ ଅଶୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଶୋକ କୋର୍ଟରୁ ଜାମିନରେ ଆସି ଆଜି କୋର୍ଟରେ ହାଜର ହେବାକୁ ଆସିଥିବା ବେଳେ ଦିଲ୍ଲୀପଙ୍କ ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଏଭଳି ଘଟଣା ପୁରା ସହରରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଟଙ୍କା ନେଣ ଦେଣ ସମେତ ପରକୀୟା ପ୍ରୀତିକୁ ନେଇ ଅପରାଧି ଏହି ହତ୍ୟାକାଣ୍ଡ ଭିଆଇଥିବା ପୁଲିସ ସନ୍ଦେହ କରୁଛି। ପୁଲିସ କେସ ନଂ ୧୮୫/୨୬ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବୃକ୍ଷ ସହ ପ୍ରାକୃତିକ ହୋଲି ପାଳିଲା ସବୁଜ ବାହିନୀ

**ବ୍ରହ୍ମପୁର,୫।୩/ଏନ୍ଏନ୍ଏସ୍:** ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ହଜରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ନିଆରା ଭାବେ ବୃକ୍ଷ ସହ ପ୍ରାକୃତିକ ହୋଲି ଉତ୍ସବ ପାଳନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷ ସେବାର ସନ୍ଦେଶ ପ୍ରଚାର କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ହୋଲିକୁ ପାରମ୍ପରିକ ଭାବେ ନିମ ପତ୍ର, ହଳଦୀ, ଚୂନ ଏବଂ ଗୋବର ମିଶାଇ ପ୍ରାକୃତିକ ହୋଲି ରଙ୍ଗ ପ୍ରସ୍ତୁତ କରାଯାଇଥିଲା। ସଙ୍ଗଠନର ସଦସ୍ୟମାନେ ସେହି ପ୍ରାକୃତିକ ମିଶ୍ରଣକୁ ବୃକ୍ଷମାନଙ୍କୁ ଲେପନ କରି ହୋଲି ଉତ୍ସବ ପାଳନ କରିଥିଲେ। ଏହି ପ୍ରାକୃତିକ ମିଶ୍ରଣ ହୋଲି ଲେପନ ଦ୍ୱାରା ବୃକ୍ଷମାନଙ୍କୁ ବିଭିନ୍ନ ପ୍ରକାର ପୋକ, ଉଈ ବା କୀଟ ଦାଉରୁ ସୁରକ୍ଷା ଦେବାରେ ସହାୟକ ହୁଏ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। କେବଳ ଏହି ବର୍ଷ ନୁହେଁ ପ୍ରତିବର୍ଷ ଏଭଳି ନିଆରା କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସହିତ ସମସ୍ତଙ୍କୁ ଜଡ଼ିତ କରାଯିବା ସହ ବୃକ୍ଷର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଉଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୋଟନୀ ପ୍ରଫେସରମାନଙ୍କ ପରାମର୍ଶରେ ଏହି ପ୍ରାକୃତିକ ହୋଲି ମିଶ୍ରଣ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ରଙ୍କ ସମେତ ସଙ୍ଗଠନର ସଦସ୍ୟ ଏ. ପ୍ରକାଶ, ଅନୀଲ ଚୌଧୁରୀ, ପି. ବିନୋଦ, ଗଣେଶ ପାଣିଗ୍ରାହୀ, ରବି ସାହୁ, ପ୍ରବୀଣ ନାୟକ, ମୁନା ଶତପଥୀ, ସହନ କୁମାର, ପ୍ରକାଶ ଗୁପ୍ତା, କେ ଅଭିଷେକ, ବାଲାଜୀ ବେହେରା, ସଞ୍ଜୟ ସାମନ୍ତରାୟ, ଏମ୍ ଦିଲ୍ଲୀପ କୁମାର, ପ୍ରଣୟ ସାହୁ, ଦୀପକ ପାତ୍ର, ବନମାଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲା।

## ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଜୟନ୍ତୀ

**ଛତ୍ରପୁର,୫।୩/ଏନ୍ଏନ୍ଏସ୍:** ଛତ୍ରପୁରର ଲୋୟର ବସଷ୍ଟାଣ୍ଡ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନେତା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଜୁ ବାବୁ ଓଡ଼ିଶା ପ୍ରତି ଅବଦାନ ଓ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଛତ୍ରପୁର ବ୍ଲକ ସଭାପତି ଏସ. ଚକ୍ରପାଣି ରେଡ୍ଡୀ, ନଗର ସଭାପତି ବି, ରାଜି ବାବୁ, ଗଞ୍ଜାମ ବ୍ଲକ ସଭାପତି ତଥା ସରପଞ୍ଚ ରଞ୍ଜନ ପଲେଇ, ଗଞ୍ଜାମ ନଗର ସଭାପତି ସୁଧୀର କୁମାର ପାଢ଼ୀ, ସରପଞ୍ଚ ହିନା ସେଠୀ,ବରିଷ୍ଠ ନେତା ବାନା ମ୍ବର୍ ପଲେଇ, ପ୍ରଶାନ୍ତ କୁମାର କର, ଚନ୍ଦ୍ର ଶେଖର ରାଓ, ଗଗନ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ସନାତନ ବେହେରା, ଯୁବନେତା ସୁରେଶ ଚନ୍ଦ୍ର ଦାଶ, ଅଟଳ ବିହାରୀ ପଟ୍ଟନାୟକ , ଆଇନଜୀବୀ ମନୋଜ କୁମାର ପାଢ଼ୀ, ଆଇନଜୀବୀ ଗୋପାଳ ରାଓ, ଭୈରବ ପଟ୍ଟନାୟକ, ବିଜେଡି ନେତା ରାଜୁ ପାତ୍ର ସମେତ ବହୁ ଛାତ୍ର ଓ ଯୁବ ନେତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏନ୍ଏସି ବିଜେଡିର ନିର୍ବାଚିତ ପ୍ରତିନିଧିମାନେ ଅନୁପସ୍ଥିତ ଥିବା ପରିଲକ୍ଷିତ ହୋଇଥିଲା।

### ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ତିଥି

# ବିଜୁବାବୁଙ୍କ ହୃଦୟ ଥିଲା ବିଶାଳ, ବ୍ୟକ୍ତିତ୍ୱ ଥିଲା ମହାନ୍

**ଆସିକା,୫।୩/ଏନ୍ଏନ୍ଏସ୍:** ଓଡିଆ ଜାତିକୁ ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ସାଲିସ୍ ବିହୀନ ସଂଗ୍ରାମ ଜାରି ରଖିଥିଲେ ଓଡିଶାର ମୁକୁଟବିହୀନ ସମ୍ରାଟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ସ୍ୱର୍ଗତ ବିଜୁ ପଟ୍ଟନାୟକ ଶିଳ୍ପର ବିକାଶ ଲାଗି ପାରଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ, ମହିଳାଙ୍କୁ ଅଗ୍ରାଧିକାର ଦେବା ଭଳି ବହୁ




ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମତିଥି ପାଳନ ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଯୋଗଦେଇ ବହୁ ବକ୍ତା ଏଭଳି ମତବ୍ୟକ୍ତ କରିଥିଲେ। ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସଂଯୋଜନାରେ ବିଜୁ ବାବୁଙ୍କ ଜନ୍ମତିଥି ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତାଦଳ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ପଟ୍ଟନାୟକ ଛକରେ ଅନୁଷ୍ଠିତ ସ୍ମୃତିଚାରଣ ସଭା ଓ ସମୃଦ୍ଧ ଓଡିଶା ଗଠନରେ ବିଜୁବାବୁଙ୍କ ଭୂମିକା ସଂପର୍କରେ ଆୟୋଜିତ ଆଲୋଚନାଚକ୍ରରେ ବିଜୁ ଯୁବ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ବି.ମନୋଜ କୁମାର ଦୋରା, ଆସିକା ନଗର ବିଜେଡି ସଭାପତି ତାରିଣୀ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଉଦ୍‌ବୋଧନ ଦେଇ ବିଶିଷ୍ଟ ରାଜନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜୁବାବୁ କ୍ଷମା, ସେବା ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ପ୍ରକାଶ କରିଥିଲେ। ସେହିପରି ବିଜେଡି କାର୍ଯ୍ୟାଳୟରେ ଦଳୀୟ ନେତା ଓ କର୍ମୀ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ଆସିକା ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚୀ, ଆସିକା ନଗର ବିଜେଡି ସଭାପତି ତାରିଣୀ ସେନାପତି, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମଲିକ, ପ୍ରସନ୍ନ କୁମାର ତ୍ରିପାଠୀ, ଇଂ ସଚ୍ଚିଦାନନ୍ଦ ରାଉତ, ଦିଲୀପ କୁମାର ପାଣିଗ୍ରାହୀ, ମାନସ ରଂଜନ ଗୌଡ, ଦ୍ୱାରିକାନାଥ ପରିଡା, ଜି.ସୂର୍ଯ୍ୟପ୍ରକାଶ ରାଓ, ରଂଜନ କୁମାର ବିଷୋୟୀ, ଏମ୍.ରଶ୍ମିତା ସେନାପତି, ଅନିଲ୍ କୁମାର ନାୟକ, ସନ୍ତୋଷ କୁମାର ନାୟକ, କାମରାଜୁ ଭୋଶ, ସୁବାସ ଚନ୍ଦ୍ର ମହାନ୍ତି, ଜୟନ୍ତୀ ବେହେରା, ନିରଞ୍ଜନ ନାୟକ, ରବିନ୍ଦ୍ର କୁମାର ସାମଲ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, କୈଳାଶ ଚନ୍ଦ୍ର ପ୍ରଧାନ, ଶିବ ପ୍ରସାଦ ଶତପଥୀ, କାହ୍ନୁଚରଣ ଦଳେଇ, ନରେନ୍ଦ୍ର ନାହାକ, ଅନନ୍ତ ଭଂଜ, ମଧୁସୂଦନ ସ୍ୱାଇଁ, ମନୋରଂଜନ ନାହାକ, ଆକାଶ ସ୍ୱାଇଁ, ସତ୍ୟ ନାରାୟଣ ସାମନ୍ତରା, ସନାତନ ବିଶ୍ୱାଳ, ବିନୋଦ କୁମାର ପାତ୍ର, ପ୍ରଣବ ପାଢୀ, ବିମଳ ପ୍ରଧାନ, ମନୋଜ କୁମାର ପରିଡା, ଟୁଟୁ ବିଷୋୟୀ, ତ୍ରିନାଥ ବେହେରା, ଅରୁଣ ଦଳେଇ, ଟୁକୁନା ନାହାକ, ସନ୍ତୋଷ ନାହାକଙ୍କ ସମେତ ବହୁ ଦଳୀୟ ନେତା, ବିଜୁ ପ୍ରେମୀ ଉପସ୍ଥିତ ଥିଲେ। ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ଫଟୋଚିତ୍ର ଓ ବିଜୁ ପଟ୍ଟନାୟକ ଛକରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ବୁଗୁଡା:** ସ୍ଥାନୀୟ ବଳଦେବସ୍ୱାମୀ ବସଷ୍ଟାଣ୍ଡ ପରିସରରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡା ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ,କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ, ସମ୍ପାଦକ ହରହର ବିଷୋୟୀ, ଏନଏସି ସଭାପତି କେ.ତ୍ରିଲୋଚନ ଦୋରା, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ଅମରେନ୍ଦ୍ର ସେନାପତି, ସରପଞ୍ଚ ପ୍ରଦୀପ କୁମାର ଜେନା, ପ୍ରକାଶ ବେହେରା, ସୁଶାନ୍ତ ପ୍ରଧାନ, ସଞ୍ଜୟ ବିଶ୍ୱାଳ ଓ ବସନ୍ତ ଶତପଥୀ ସମିତି ସଭ୍ୟ କାର୍ତ୍ତିକ ସାହାଣି , ଚିକୁ ବାରିକ ଓ ଜିତେନ୍ଦ୍ର ସ୍ୱାଇଁ , ଏନଏସି କାଉନସିଲର ଆଶୁତୋଷ ବଡେଇ ଓ ବବୁ ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢୀ ଓ ସୂର୍ଯ୍ୟ ନାରାୟଣ ମହାନ୍ତି, ରମଣ ନାହାକ, ଜିତେନ୍ଦ୍ର ନାୟକ, ରବିନ୍ଦ୍ର କୁମାର ପଣ୍ଡା, ଗୋପୀନାଥ ସ୍ୱାଇଁ, ନାରାୟଣ ନାୟକ, କାହ୍ନୁ ଚରଣ ଭୂୟାଁ ,ବରୁଣ ସେନାପତିଙ୍କ ସମେତ ଶତାଧିକ କର୍ମୀ,କାର୍ଯ୍ୟକର୍ତ୍ତା ଓ ବିଜୁପ୍ରେମୀ ଯୋଗ ଦେଇଥିଲେ । ଜୟନ୍ତୀ ପାଳନ ଅବସରରେ ବ୍ଲକ ପରିସରସ୍ଥ ବିଜୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ଏବଂ ନୂଆଁ ବସଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ଦଣ୍ଡାୟମାନ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କର ସ୍ମୃତି ଚାରଣ କରି ଦଳୀୟ ନେତା ଓ କର୍ମୀଗଣ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ଫୁଲବାଣୀ:** କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଳନ କରାଯାଇଛି। ଏ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସାର୍ତାଗୁଡ଼ା ସ୍ଥିତ ବୃଦ୍ଧାଶ୍ରମ ଠାରେ ଯୁବ ବିଜେଡି ସଭାପତି ରାକେଶ ମିଶ୍ର ଓ ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀଙ୍କ ତତ୍ତ୍ୱାବଧାନରେ ଅନ୍ତେବାସୀ ମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା,



ମହିଳା ବିଜେଡି ସଭାପତି ପୁନମ କହଁର, ବରିଷ୍ଠ ନେତା ସତ୍ୟନାରାୟଣ ବେହେରା, ପ୍ରତାପ ପାତ୍ର, ଅବିଦା ମହାନ୍ତି, ବିକ୍ରମ ବେହେରା, କାଉନସିଲର ରାଜେନ୍ଦ୍ର ପାଢ଼ୀ,ଶ୍ରୀବତ୍ସ ବେହେରା,ଖଜୁରୀପଡା ବ୍ଲକ ସଭାପତି ବୀରେନ୍ଦ୍ର କହଁର,ଦାରୁଣ ବେହେରା ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

**ଶେରଗଡ:** ଶେରଗଡ଼ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆଜି ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ବିଜୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ନିବେଦିତା ପ୍ରଧାନ, ହୀନ ବେହେରା, ହୃଷିକେଶ ପାଢ଼ୀ ସମୀର ପ୍ରଧାନ, ଦୁର୍ଗା ପ୍ରସାଦ ବିଷୋୟୀ, ମେଘନାଦ ଦାସ, ରାଧାକୃଷ୍ଣ ଡାକୁଆ, ଦିବାକର ପଟ୍ଟନାୟକ, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ସତ୍ୟ ପଟ୍ଟନାୟକ, ଚନ୍ଦନ ଦୋରାଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

**ଛତ୍ରପୁର:** ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଜୁବାବୁଙ୍କ ନିଷ୍ପତ୍ତି ନେବାର ସାହସ, ଓଡିଶା ପ୍ରତି ପ୍ରତିବଦ୍ଧତା ଏବଂ ତାଙ୍କର ଚିନ୍ତାଧାରା ମହାନ ଥିଲା। ସେ ଥିଲେ ପ୍ରକୃତରେ ଜଣେ ଜନନାୟକ। ବିଜୁ ପଟ୍ଟନାୟକ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଇଣ୍ଡୋନେସିଆ ସରକାର ତାଙ୍କୁ ଭୂମିପୁତ୍ର ଉପାଧିରେ ଭୂଷିତ କରିଥିଲେ ବୋଲି ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଅତିଥି ଭାବେ ଯୋଗଦେଇ କହିଥିଲେ। ବିଜୁ ବାବୁ ନିର୍ଭିକତା, ଆତ୍ମ ସମ୍ମାନ ଏବଂ ନିଃସ୍ୱାର୍ଥପର ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଶ୍ରୀ ଚୌଧୁରୀ କହିଥିଲେ। ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଶତପଥୀ, ସମାଜସେବୀ ଅରୁଣ କୁମାର ଶତପଥୀ ଯୋଗଦେଇ ବିଜୁବାବୁଙ୍କ ସାହାସିକତା ଓ ଦୂରଦୃଷ୍ଟି ବିଷୟରେ ବର୍ଣ୍ଣନା କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ବିଶ୍ୱମ୍ଭର ରଥ, ଅବସରପ୍ରାପ୍ତ ଶିକ୍ଷକ ଏ. ବିଶ୍ୱମ୍ଭର ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**କୁକୁଡାଖଣ୍ଡି:** କୁକୁଡାଖଣ୍ଡି ବ୍ଲକ ପରିସରରେ ଆଜି ପ୍ରବାଦପୁରୁଷ ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମଜୟନ୍ତୀ ବ୍ଲକ ସଭାପତି ବି.ରବିନ୍ଦ୍ରନାଥ ପାତ୍ରଙ୍କ ସହଯୋଗରେ ପାଳିତ ହୋଇଯାଇଛି । ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳର ବରିଷ୍ଠ ନେତା ବିପ୍ଳବ ପାତ୍ର ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବିଜୁ ବାବୁ ଜଣେ ନିର୍ଭୀକ ସେବାର ବାର୍ତ୍ତା ଥିଲା। ବିଜୁବାବୁଙ୍କ ନୀତି ଓ ଆଦର୍ଶ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଦଳୀୟ ନେତା ଓ କର୍ମୀଙ୍କୁ ଶ୍ରୀ ପାତ୍ର ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ଏଲ. ପୁରୁଷୋତ୍ତମ ପାତ୍ର, ରବୀନ୍ଦ୍ର ମହାରଣା, ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠୀ, ଭାରତୀ ନାୟକ, ଜଗଦଳପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ, କାମେଶ୍ୱର ବିଶ୍ୱାଳ, ବନ୍ତପଲ୍ଲୀ ସରପଞ୍ଚ କାମିନୀ ନାୟକ, ଅନନ୍ତାଇ ସମିତି ନିରୁପମା ପାତ୍ର, ସୁରେଶ ସାହୁ, ସଞ୍ଜୟ କୁମାର ସାହୁ, ହାଡୁବନ୍ଧୁ ବେହେରାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ମୃତ୍ୟୁପରେ ବଡ଼ ମେଡିକାଲ୍‌କୁ ମହିଳାଙ୍କ ଶରୀର ଦାନ

**ବ୍ରହ୍ମପୁର,୫।୩/ଏନ୍ଏନ୍ଏସ୍:** ବ୍ରହ୍ମପୁର ସହରର ମୀନାକ୍ଷୀ ନଗର ୩ୟ ଲାଇନ ନିବାସୀ ଇପାରୀ ଲକ୍ଷ୍ମୀକାନ୍ତଙ୍କ ମା ଇପାରୀ ରାଜେଶ୍ୱରୀ(୭୧) ବର୍ଷ ବୟସରେ ପରଲୋକ ଘଟିଛି। ପୁଅ ଲକ୍ଷ୍ମୀକାନ୍ତ ମା'ଙ୍କ ମର ଶରୀରକୁ ଦାହ ନ କରି ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ା ଓ ବିଭିନ୍ନ ଗବେଷଣାରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ମେଡିକାଲକୁ ଦାନ କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବକୁ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଲକ୍ଷ୍ମୀକାନ୍ତ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ପୂର୍ବତନ ସଭାପତି ଓ ସେ ୧୦୮ ଥର ରକ୍ତଦାନ କରି ସୁନାମ ଅର୍ଜନ କରିଛନ୍ତି । ନିଜ ଘରଠାରୁ ଶହ ଶହ ବନ୍ଧୁ ବାନ୍ଧବ ବାଇକ ରାଲ୍ଲୀରେ ପହଞ୍ଚି ରାଜେଶ୍ୱରୀଙ୍କ ମର ଶରୀରକୁ ଏମ୍‌କେସିଜି ମେଡିକାଲ କଲେଜର ଆନାଟାମି ବିଭାଗର ମୁଖ୍ୟ ପ୍ରଫେସର ଜେ. ସାଗର ପୃଷ୍ଟି ଓ ଡା. ରଶ୍ମିରଣୀ ପ୍ରଧାନଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ହସ୍ତାନ୍ତର ସମୟରେ ପୁତ୍ର ଲକ୍ଷ୍ମୀକାନ୍ତ, ବୋହୁ ଇ.ଲକ୍ଷ୍ମୀ, ନାତୁଣୀ ସୁଧୀଖ୍ୟା, ଝିଅ ଇ.ସଂଗୀତା, ଜ୍ୱାଇଁ ନରେଶ ପ୍ରସାଦ ପାତ୍ର, ନାତି ଅୟୁଷ୍ମମାନ ପାତ୍ର, ଭାଇ ଡାକ୍ତର ଭି.ଚକ୍ରଧର ରାଜୁ, ଭି. ସତ୍ୟନାରାୟଣ ରାଜୁ, ଇ. କିରଣ କୁମାର, ଟି. କ୍ରୀଷ୍ଣା, ନୀଳ ମାଧବ, ଏସବନ୍ତ ରାଓ, ସିଂହରାଜ ପାତ୍ର, ସେଲିଂ ଖାଁ, ଅଚ୍ୟୁତ ବସାଢ଼ି, ଶ୍ରବଣ କୁମାର ସାହୁ, କ୍ରୀଷ୍ଣା ପାତ୍ର , କେଟେରେର ସଂଘର ସଭାପତି ଭି.ହରି ପ୍ରସାଦ, ଉପସଭାପତି ଲକ୍ଷ୍ମୀକାନ୍ତ ସମ୍ପାଦକ ଚିତ୍ର ମୋହନ ପାଣିଗ୍ରାହୀ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ଏମ୍‌କେସିଜି ମେଡିକାଲ କଲେଜକୁ ଏହା ୩୪ ତମ ଶରୀର ଦାନ ବୋଲି ରାଜେଶ୍ୱରୀଙ୍କ ନିକଟ ସମ୍ପର୍କୀୟ ପ୍ରଫେସର ସାଗର ପୃଷ୍ଟି ଜଣାଇଥିଲେ। ପ୍ରତି ୧୦ ଜଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିବର୍ଷ ଗୋଟିଏ ମୃତ ଶରୀର ଦରକାର ହେଉଥିବା ଜଣାଇଥିଲେ। ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ଓ ମାନବ ବାଦୀ ହେତୁବାଦୀ ସଂଗଠନ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଏହିକାର୍ଯ୍ୟକୁ ସୁଗମ କରିଥିବା ଜଣାଇଥିଲେ। ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ଶରୀର ଦାନ ପ୍ରଜେକ୍ଟର ଅଧ୍ୟକ୍ଷ ତଥା ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ. ନାଦେଷ୍ଟୁ ସେନାପତି, ସଭାପତି ସତ୍ୟକାମ୍ ପାତ୍ର, ପୂର୍ବତନ ସଭାପତି ଜମ୍ମୁଲା ସୁରେଶ, ଇ.ଟି.ରାଓ, କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଭି.ଭେଙ୍କଟ ରତ୍ନମ ରାଜୁ, ଇଞ୍ଜିନିୟର ପ୍ରଶାନ୍ତ କୁମାର ପାତ୍ର, ଏମ୍. ବିଦ୍ୟାସାଗର ସମ୍ପାଦକ ପ୍ରବୀଣ କୁମାର, ଇପାରୀ ଶିବପ୍ରସଦ, ଇ.ସ୍ୱର୍ଣ୍ଣଲତା ଓ ମାନବବାଦୀ, ହେତୁବାଦୀ ସଂଗଠନର ସଭାପତି ଇ.ଟି.ରାଓ, ଡି.ମୋହନ ରାଓ, ଭାଲଚନ୍ଦ୍ର ଷଡଙ୍ଗୀ, ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।



## ୨୮ରେ ଆସିକା ଓକିଲ ସଂଘ ନିର୍ବାଚନ

**ଆସିକା,୫।୩/ଏନ୍ଏନ୍ଏସ୍:** ସାରା ରାଜ୍ୟରେ ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷିରେ ଓଡିଶା ରାଜ୍ୟ ବାର କାଉନସିଲର ପରାମର୍ଶକ୍ରମେ ଆସିକା ଓକିଲ ସଂଘର ୨୦୨୬-୨୦୨୭ ବର୍ଷ ପାଇଁ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ଲାଇବ୍ରେରୀ ସମ୍ପାଦକ ପଦବୀ ଲାଗି ନିର୍ବାଚନ ସକାଶେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ ସୁପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ରୂପେ ବରିଷ୍ଠ ଆଇନଜୀବୀ କାଳୀଚରଣ ଦାସ ନିଯୁକ୍ତି ହୋଇଥିବା ଜଣାପଡିଛି। ଆସିକା ଓକିଲ ସଂଘର ନିର୍ବାଚନ ପାଇଁ ଗୁରବାର ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କାଳୀଚରଣ ଦାଶ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଆସିକା ଓକିଲ ସଂଘର ବିଭିନ୍ନ ପଦପଦବୀ ଲାଗି ଆସନ୍ତା ୨୮ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ୭ ତାରିଖରୁ ୯ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ୧୦ ତାରିଖରେ କେଉଁ ପଦବୀରେ କିଏ ନାମାଙ୍କନ ପତ୍ର ଦାଖଲ କରିଥିବା ସେହି ପ୍ରାର୍ଥୀଙ୍କ ନାମ ପ୍ରକାଶ, ୧୧ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ, ୧୨ରେ ବୈଧ ପ୍ରାର୍ଥୀ ତାଲିକା ଘୋଷିତ, ୧୩ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର, ୧୪ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ୨୮ ତାରିଖରେ ମତଦାନ ଓ ଉକ୍ତ ଦିନ ଫଳାଫଳ ଘୋଷଣା କରାଯିବା କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଆସିକା ଓକିଲ ସଂଘର ନିର୍ବାଚନ ମୈଦାନକୁ ଓହ୍ଲାଇବେ ବୋଲି ଆଲୋଚିତ ହେଉଛି। ନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ସମ୍ପର୍ଣ୍ଣ କରିବା ଲାଗି ନିର୍ବାଚନ ଅଧିକାରୀ ଆଇନଜୀବୀଙ୍କ ସହଯୋଗ କାମନା କରିଛନ୍ତି। ଆସନ୍ତା ୨୮ ତାରିଖ ଦିନ ସକାଳ ସାଢେ ୭ ଘଟିକାରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ ଦିନ ଅପରାହ୍ନ ୪ଟା ପରେ ଭୋଟ ଗଣତି ଓ ଫଳାଫଳ ଘୋଷଣା କରାଯିବା କାର୍ଯ୍ୟକ୍ରମ ରହିଛି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**ବୁଗୁଡା,୫।୩/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ବାଲିପଦର ଗ୍ରାମରେ ରହୁଥିବା ଜନୈକା ବିବାହିତା ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଯୁବକ ଜଣକ ହେଲେ ଆସ୍କା ଥାନା ଅନ୍ତର୍ଗତ ଝଗଡେଇ ଗ୍ରାମର ଉଦିତ କୁମାର ପାଢି (୩୦) । ଏ ନେଇ କେସ୍ ନଂ ୯୨/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଆସ୍କା ଥାନା ଅନ୍ତର୍ଗତ କୁଆଁପଲ୍ଲୀ ଗ୍ରାମର ପାର୍ବତୀ ପରିଡା (୩୫)ନାମ୍ନୀ ଜଣେ ବିବାହିତା ମହିଳା ବାଲିପଦର ଗ୍ରାମରେ କିଛି ବର୍ଷ ହେଲା ରହିଆସୁଥିଲେ । ସେହି ମହିଳାଙ୍କ ସ୍ୱାମୀ ସହ ଉଦିତଙ୍କ ଘନିଷ୍ଠତା ଥିଲା। ଏହାର ସୁଯୋଗ ନେଇ ଉଦିତ ସେହି ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରିଆସୁଥିଲା । ତେବେ ଉଦିତ ଗତ ଫେବୃୟାରୀ ୨୬ ତାରିଖ ଦିନ ପାର୍ବତୀଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିବା ସହ ଧମକଚମକ ଦେଇଥିଲା। ଏ ନେଇ ପାର୍ବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଉଦିତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ଦୁଇ ଚୋର ଗିରଫ,୩ ମୋବାଇଲ୍ ଜବତ

**ବ୍ରହ୍ମପୁର,୫।୩/ଏନ୍ଏନ୍ଏସ୍:** ଗୋଷାଣୀ ନୂଆଗାଁ ଥାନା ପୁଲିସ୍ ୨ ମୋବାଇଲ୍ ଚୋରକୁ ଗିରଫ କରିଛି। ସେମାନେ ହେଲେ ମାଛବନ୍ଧ ସାହିର ମଙ୍ଗୁଲୁ ଦାସ(୧୯) ଏବଂ ରାଜୀବନଗର ଅଞ୍ଚଳର ନିଖିଳ ଶର୍ମା(୧୯) ରହିଛନ୍ତି। ସେମାନଙ୍କ ନିକଟରୁ ପୁଲିସ୍ ୩ଟି ମୋବାଇଲ୍ ଫୋନ୍ ଜବତ ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗ ପ୍ରକାରେ ଗତ ୨ ତାରିଖ ଦିନ ସନ୍ଧ୍ୟାରେ କୁରା ପରିଡା(୫୫) ନାମକ ବ୍ୟକ୍ତି ସ୍ଥାନୀୟ ଉତ୍ତରେଶ୍ୱର ପୋଖରୀ ନିକଟରେ ବସିଥିବା ବେଳେ ଗିରଫ ଦୁଇ ଅଭିଯୁକ୍ତ ସେଠାକୁ ଆସିଥିଲେ। କୁରାଙ୍କ ମୋବାଇଲ୍ ଛଡାଇ ନେଇ ଦୁଇ ଯୁବକ ଘଟଣାସ୍ଥଳରୁ ଦୌଡି ପଳାଇଯାଇଥିଲେ। ଏନେଇ କୁରା ଗୋଷାଣୀ ନୂଆଗାଁ ଥାନାରେ ଘଟଣାଦିନ ଅଭିଯୋଗ କରିବା ପରେ ପୁଲିସ୍ ୭୮/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଖବର ପ୍ରକାଶ ପରେ ବି ନୀରବ ପ୍ରଶାସନ

# ଲୋଚାପଡ଼ା ଶକ୍ତିନଗର ସଂପ୍ରସାରଣ ରାସ୍ତା ମଝିରେ ପାଣି ଟାଙ୍କି

**କୁକୁଡାଖଣ୍ଡି,୫।୨/ଏନ୍ଏନ୍ଏସ୍:** କୁକୁଡାଖଣ୍ଡି ବ୍ଲକ ଲୋଚାପଡା ଶକ୍ତି ନଗର ପ୍ରଥମ ଲାଇନ୍ ସଂପ୍ରସାରଣ ସଂକୀର୍ଣ୍ଣ ରାସ୍ତାରେ ଜାରି ରହିଛି

**ଯାତାୟାତ ବାଧାପ୍ରାପ୍ତ, ଲୋକେ ହନ୍ତସନ୍ତ**





ଡ୍ରେନ୍ କାମ। ଦୀର୍ଘଦିନ ଧରି କାମ ସରୁନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ। ରାସ୍ତାରେ ପଡିଥିବା ବାଲି ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି କରୁଥିବା ବେଳେ ଏବେ ସେହି ରାସ୍ତା ଉପରେ ରଖାଯାଇଥିବା ପାଣି ଟାଙ୍କି ଅଞ୍ଚଳବାସୀଙ୍କ ପାଇଁ ଆଉ ଏକ ସମସ୍ୟାର କାରଣ ହୋଇଛି। ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ। ପୂର୍ବରୁ ଡ୍ରେନ୍ କାର୍ଯ୍ୟରେ ବିଳମ୍ବ ଏବଂ ରାସ୍ତା ଅବରୋଧ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ପଦକ୍ଷେପ ନେଇନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବର୍ତ୍ତମାନ ସମ୍ପୃକ୍ତ ରାସ୍ତା ମଝିରେ ପାଣି ଟାଙ୍କି ରଖାଯାଇଥିବାରୁ ଗାଡି ମୋଟର ଯିବା ଆସିବା କରିପାରୁନଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଠିକା କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି ଜନସାଧାରଣ। ଲୋଚାପଡା ଶକ୍ତିନଗର ପ୍ରଥମ ଲାଇନ୍ ସଂପ୍ରସାରଣ ରାସ୍ତାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବହୁ ଦିନ ଧରି ଡ୍ରେନ୍ କାମ ଚାଲିଛି। ସଂକୀର୍ଣ୍ଣ ରାସ୍ତାରେ ଡ୍ରେନ୍ ଖୋଳା ସାଙ୍ଗକୁ ବାଲି ପଡିଥିବା ଯୋଗୁଁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ସେହି ରାସ୍ତାଦେଇ ଯିବାକୁ ଲୋକେ ନିରାପଦ ମଣୁନାହାଁନ୍ତି। ଏପରିକି ରାସ୍ତା ପାର୍ଶ୍ୱ ଦେଇ ଯାଇଥିବା ୩ କେଭି ବିଦ୍ୟୁତ୍ ପଲକୁ ଲାଗି ନାଳ ଖୋଳାଯାଇଥିବାରୁ ପଲଟି ଓଲଟି ପଡିବା ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି। ଏଥିଯୋଗୁଁ କୌଣସି ପ୍ରକାର ଅଘଟଣ ଘଟିଲେ ଦାୟୀ କିଏ ରହିବ ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଭୟଭୀତ ଅବସ୍ଥାରେ ଲୋକେ ଯାତାୟତ କରୁଛନ୍ତି। ତୁରନ୍ତ ଡ୍ରେନ୍ କାମ ସାରିବା ଏବଂ ରାସ୍ତାରୁ ମାଟି ସହ ପାଣି ଟାଙ୍କିକୁ ହଟାଇବାକୁ ଲୋକେ ଦାବି କରିଛନ୍ତି। ପୂର୍ବରୁ ଏନେଇ ସମ୍ପୃକ୍ତ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଅଞ୍ଚଳବାସୀ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟ ଜଣାଇଥିଲେ ଜନସାଧାରଣ। ବିଭାଗୀୟ ଯନ୍ତ୍ରୀ କୌଣସି ପଦକ୍ଷେପ ନେଉନଥିବାରୁ କାମ ବିଳମ୍ବ ଘଟୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅମିତ୍ ଶାହଙ୍କ ଗସ୍ତକୁ ନେଇ ଚଳଚଞ୍ଚଳ ପାରାଦୀପ

**ପାରାଦୀପ,୫ା୩/ଏନ୍‌ଏନ୍‌ଏସ୍:** ଦିନିକିଆ ପାରାଦୀପ ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ। ଯାହାକୁ ନେଇ ଚଳଚଞ୍ଚଳ ହୋଇପଡିଛି ପାରାଦୀପ ଇଫ୍‌କୋ ୟୁନିଟ ପରିସର। ପାରାଦୀପ ଇଫ୍‌କୋ ୟୁନିଟ ତରଫରୁ ଦିନକୁ ୨ ହଜାର ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏହି ଦିନିକିଆ ପାରାଦୀପ ଗସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ସହିତ କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତିନିଦିନ



ହେବ ଗୃହମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହେବାପରେ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିବା ନେଇ କହିବା ସହିତ ଶିଳ୍ପମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥାକୁ ଯାଞ୍ଚ କରାଯିବା ସହିତ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଏହି ବୃହତ ଗସ୍ତ କାର୍ଯ୍ୟକ୍ରମକୁ କିପରି ସବୁ କ୍ଷେତ୍ରରେ ସଫଳ କରାଯାଇପାରିବ ଏ ନେଇ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ କହିଛନ୍ତି ପାରାଦୀପ ଇଫ୍‌କୋ ୟୁନିଟ ମୁଖ୍ୟ ପି.କେ ମହାପାତ୍ର। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରଥମଥର ପାଇଁ ପାରାଦୀପ ଗସ୍ତରେ ଆସୁଥିବାରୁ ପାରାଦୀପ ବିଜେପି କର୍ମୀ ଓ ନେତାଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ଭାରତ ବର୍ଷରେ କୃଷକମାନଙ୍କ ପାଇଁ ଏକ ବୃହତ ପ୍ରକଳ୍ପକୁ ଦେଶବାସୀଙ୍କୁ ଉତ୍ସର୍ଗ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ପାରାଦୀପ ଆସୁଥିବାରୁ ତାଙ୍କୁ ପାଖରୁ ଦେଖିବା ଓ ତାଙ୍କ କଥା ଶୁଣିବା ପାଇଁ ଆମେ ବେଶ ଉତ୍କଣ୍ଠାର ସହିତ ଅପେକ୍ଷା କରିଛୁ ବୋଲି କହିଛନ୍ତି ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନ।

## ଚୋରା ମଦ ଜବତ, ୨ ଗିରଫ

**ତାଳଚେର,୫ା୩/ଏନ୍‌ଏନ୍‌ଏସ୍:** ତାଳଚେର ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରାଯାଇ ୧୧ଗୋଟି ଅବକାରୀ କେସ୍ କରିବା ସହ ମୋଟ୍ ୭୧.୫୫ ଲିଟର ବିଦେଶୀମଦ, ୧୨୫ଲିଟର ଦେଶୀମଦ ସହିତ ନଗଦ ୪୯ହଜାର ୪ଶହ, ୭୦ଟଙ୍କା ଓ ୩ଗୋଟି ସ୍କୁଟି ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ମୁତାବକ, ତାଳଚେର ଅଞ୍ଚଳର କାଳିଆ ଓରଫ ପ୍ରଦୀପ ସିଂହ, ରଶ୍ମିତା ସିଂହ ଅଙ୍ଗାରୁଆ ଅଞ୍ଚଳର ସେମାନେ ଚୋରା ମଦ ବ୍ୟବସାୟ କରୁଥିବା ଖବର ପୁଲିସ କୌଣସି ସୂତ୍ରରୁ ଜାଣିପାରି ସେମାନଙ୍କୁ ଅତର୍କିତ ଚଢ଼ାଉ କରିଥିଲା। ତାଳଚେର ପୁଲିସ୍ ୧୭୬/୨୦୨୬ରେ ମାମଲା ରୁଜୁ କରି ଏହି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**କାମାକ୍ଷାନଗର,୫ା୩/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହର ନିକଟବର୍ତ୍ତୀ ବୈଭବନଗର ସାହିରେ ଭୟାବହ ଅଗ୍ନିକାଣ୍ଡ ହୋଇଯାଇଛି। ଅଗ୍ନିକାଣ୍ଡ ଫଳରେ ସାହିର ପ୍ରଫୁଲ୍ଲ ନାଏକଙ୍କ ତିନିବଖରା ଘର ସମେତ ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ପିନ୍ଧାବସ୍ତ୍ର ପୋଡି ପାଉଁଶ ହୋଇଯାଇଛି। ପ୍ରଫୁଲ୍ଲ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ଅଗ୍ନିକାଣ୍ଡ ଫଳରେ ପୁରା ପରିବାର ଏବେ ଶୋଚନୀୟ ପରିସ୍ଥିତି ଦେଇ ଗତି କରୁଛନ୍ତି।ପ୍ରଫୁଲ୍ଲଙ୍କ ଘରେ ଅଗ୍ନିକାଣ୍ଡ ଖବରପାଇ କାମାକ୍ଷାନଗରର ସାମାଜିକ ସଂଗଠନ 'ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେସନ' ସହାୟତାର ହାତ ବଢ଼ାଇଛନ୍ତି। ଫାଉଣ୍ଡେସନର ଅଧ୍ୟକ୍ଷା ଅଧ୍ୟାପିକା ଲିପ୍ସା ପ୍ରଧାନଙ୍କ ସହଯୋଗରେ ଫାଉଣ୍ଡେସନ ତରଫରୁ ପ୍ରଫୁଲ୍ଲ ଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ସଦସ୍ୟ ହୃଦୟ ବଲ୍ଲଭ ମିଶ୍ର ପ୍ରଫୁଲ୍ଲଙ୍କ ଘରେ ପହଞ୍ଚି ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରଫୁଲ୍ଲ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।

## ବସ୍-ବାଇକ୍ ଧକ୍କା, ଜଣେ ମୃତ

**ପରଜଙ୍ଗ,୫ା୩/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଥାନା ସାଆଦା ଫାଣ୍ଡି ଅନ୍ତର୍ଗତ କୁମୁସି ମାଧିଆ ରଗଡ଼ି ଠାରେ ଏକ ମିନି ବସ୍ ସହ ମୋଟର ସାଇକେଲ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ମୋଟର୍ ସାଇକେଲ୍ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ୧୦୮ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଜଣଙ୍କ ହେଲେ କୁମୁସି ଗ୍ରାମର ମନୋଜ କୁମାର ସେଠୀ (୪୦) ବୋଲି ଜଣାପଡ଼ିଛି। ସୂଚନାଥାଉକି ମନୋଜ ଆଜି ତାଙ୍କ ଗ୍ରାମରେ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ସେ ନିଜ ଭଉଣୀକୁ ଆଣିବାକୁ ପରଜଙ୍ଗ ଥାନା ବସୋଇ ଗ୍ରାମକୁ ଯାଉଥିଲେ। ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ମିନି ବସ୍ ଅନୁଗୋଳରୁ ପଣ୍ଟୁଆ ଯାଉଥିବା ବେଳେ ଅଘଟଣ ଘଟିଥିଲା।

# ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୫ା୩/ଏନ୍‌ଏନ୍‌ଏସ୍:** କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ମାଇଁ ଭାରତ, ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ(କ୍ରୀଡା ବିଭାଗ)ର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମାର୍ଚ୍ଚ ୬ରୁ ୮ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ମହିଳା ଦିବସ ପାଳନରେ କେନ୍ଦ୍ର ତଥା ରାଜ୍ୟସରକାରଙ୍କ ମୂଳ ଲକ୍ଷ୍ୟ ରହିଛି 'ସଶକ୍ତମହିଳା ସଶକ୍ତ ରାଷ୍ଟ୍ର' ଗଠନ। ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ରଘୁରାମ ଆର. ଆୟର ପ୍ରକାଶ କରିଛନ୍ତି ଯେ, ମହିଳାମାନଙ୍କ ମଧ୍ୟରେ ଏହି ଦିବସ ଉପଲକ୍ଷେ କ୍ରୀଡା, ଦୌଡ ଆଦି ଶାରୀରିକ ଦକ୍ଷତା ପ୍ରତିଯୋଗିତା ସହ ପୋଷଣ, ମାନସିକ ଶକ୍ତି ବୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତତ୍‌ସହିତ




ସେମାନଙ୍କୁ ସ୍ୱସୁରକ୍ଷା ଓ ସାଇବର କ୍ରାଇମ ସୁରକ୍ଷା ସମ୍ପର୍କରେ ସଚେତନ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ମଧ୍ୟ ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ମାର୍ଚ୍ଚ ୬ ଓ ୭ ତାରିଖରେ ଇଚ୍ଛାପୁର ନିକଟସ୍ଥ ଇନଡୋର ଷ୍ଟାଡିୟମରେ ମହିଳାମାନଙ୍କ ନିମନ୍ତେ ଯୋଗାଭ୍ୟାସ, ଶାରୀରିକ ଓ ମାନସିକ ସାମର୍ଥ୍ୟ, ପୋଷଣ, ସ୍ୱସୁରକ୍ଷା ନିମନ୍ତେ ଜୁଡୋ, କରାଟେ, ବକ୍ସିଂଆଦି ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି। ୮ ତାରିଖରେ ଡେରାବିଶ ମିନି ଷ୍ଟାଡିୟମରେ ୧୩ ବର୍ଷରୁ କମ, ୧୩ରୁ ୧୮ବର୍ଷ ଓ ୧୮ବର୍ଷରୁ ଅଧିକା ବିଭିନ୍ନ ବର୍ଗର ଯଥା ସ୍କୁଲ, କଲେଜ, ଏସ୍‌ଏଚ୍‌ଜି, କର୍ମଜୀବୀ, ପୁଲିସ ଆଦି ବିଭାଗର ବାଳିକା ଓ ମହିଳାମାନେ ମାରାଥନ, ଦୌଡ, କୌତୁକ ପ୍ରତିଯୋଗିତାରେ ଭାଗ ନେଇ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ। ଏହି ସମସ୍ତ କାର୍ଯ୍ୟକ୍ରମ ସକାଳ ୬.୩୦ ମିନିଟ ଠାରୁ ୯.୩୦ମିନିଟ ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ସାରା ଭାରତର ୨୫୦ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ଆମ ରାଜ୍ୟରେ ୭ଟି ଜିଲ୍ଲାରେ ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଭାରତୀ ବେହେରା, ଡିପିସି (ମମତା) ମନୋରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## କାଏମା ଦୋଳ ମେଳଣ



**ରାଜକନିକା,୫ା୩/ଏନ୍‌ଏନ୍‌ଏସ୍:** ରାଜକନିକା ବ୍ଲକ୍ ନହୁଣୀ ଗାୟତ୍ରୀ ପଡିଆ ଠାରେ ନୂତନ କରି କାଏମା ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ, ଚଳିତ ବର୍ଷ 'କାଏମା ଦୋଳମେଳଣ' ନହୁଣୀ ଗାୟତ୍ରୀ ପଡିଆ ଠାରେ ପେଗରପଡା ଓ ନହୁଣୀ ପଞ୍ଚାୟତର ମିଳିତ ସହଯୋଗରେ ପ୍ରାୟ ୨୦ଟି ପଞ୍ଚାୟତର ୧୫ଟି ଠାକୁର ବିମାନ ନହୁଣୀ ଗାୟତ୍ରୀ ପଡିଆରେ ବିରାଜମାନ ରଙ୍ଗର ଫଗୁ ଖେଳିଥିଲେ। ଏହି ମେଳଣରେ ଥାନାପତି ଭାବେ ପ୍ରଭୁ ମଦନ ମୋହନ ଜୀଉ, ଦଧିବାମନ ଜୀଉ, ନୃସିନାଥ ଜୀଉ, ରାଧାକୃଷ୍ଣ ଜୀଉ, ଲକ୍ଷ୍ମଣ ଜୀଉ, ଲକ୍ଷ୍ମୀନାରାୟଣ ଜୀଉ, ଅନନ୍ତ ନାରାୟଣ ଜୀଉ ସମେତ ସମସ୍ତ ଠାକୁରଙ୍କୁ ଶ୍ରଦ୍ଧାଳୁମାନେ ଘଣ୍ଟ, ଝାଞ୍ଜ, ହୁଳହୁଳି, ହରିବୋଲ ମୃଦଙ୍ଗର ତଳେ ତଳେ ଭକ୍ତିପୂର୍ଣ୍ଣ ପରିବେଶରେ ଦୋଳମେଳଣ କରିଥିଲେ। ତେବେ ଏହି ମେଳଣରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଲଉଡ଼ି ଖେଳ, ଭଜନ, ସଂକ୍ରିତନ ଶାନ୍ତି ଶୃଙ୍ଖଳାରେ ରାତି ୮ଟାରେ ସମାପନ ହୋଇଥିଲା। ତେବେ ଏହି 'କାଏମା ଦୋଳ ମେଳଣ' ପ୍ରଥମ ଥର ପାଇଁ ଆରମ୍ଭ ହୋଇ ପ୍ରତିବର୍ଷ ଅନୁଷ୍ଠିତ ହେବ ବୋଲି ଦୋଳ ମେଳଣ ଉତ୍ସବ କମିଟିର ସମ୍ପାଦକ ଶ୍ରୀନିବାସ ପ୍ରଧାନ, ସଭାପତି ପଦ୍ମଲୋଚନ ପରିଡ଼ା, ନହୁଣୀ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ସୂଚନା ଦେଇଥିଲେ।

## ରାଇଗଣ-ଗଙ୍ଗାଧରପୁର ସତ୍‌ସଙ୍ଗ ଉପାସନା କେନ୍ଦ୍ରର ବାର୍ଷିକ ଉତ୍ସବ

**ରାହାମା,୫ା୩/ଏନ୍‌ଏନ୍‌ଏସ୍:** କୁଜଙ୍ଗ ବ୍ଲକ୍ ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାଇଲୋ ଗ୍ରାମପଞ୍ଚାୟତରେ ଥିବା ରାଇଗଣ-ଗଙ୍ଗାଧରପୁର ସତ୍‌ସଙ୍ଗ ଉପାସନା କେନ୍ଦ୍ରରେ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମବାର୍ଷିକ ଉତ୍ସବ ସହିତ କେନ୍ଦ୍ରର ବାର୍ଷିକ ଉତ୍ସବ ସାଡ଼ମ୍ବରେ ପାଳିତ ହୋଇଯାଇଛି। ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନ ସହିତ ରାଇଗଣ ବଟ ଗୋସାଇଁ ପୀଠରେ ପାଳିତ ହୋଇଥିବା ଏହି ଉତ୍ସବରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଶ୍ରୀଶ୍ରୀଠାକୁରଙ୍କ



ପ୍ରତିକୃତି ସହିତ ନଗରସଂକୀର୍ତ୍ତନ ଓ ପରିକ୍ରମା, ଭଜନ କୀର୍ତ୍ତନ, ସଂଗୀତାଞ୍ଜଳି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସତ୍‌ସଙ୍ଗରେ ଉତ୍ସବ କମିଟି ସଭାପତି ସପ୍ରରୀ ସତ୍ୟବାନ ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ କମିଟିର ସମ୍ପାଦକ ଅଧର୍ଯ୍ୟୁ ବାବାଜୀ ଚରଣ ସେଠୀ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ସତ୍‌ସଙ୍ଗର କର୍ମୀ ଶେଷଦେବ ସାମନ୍ତରାୟ ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟଲୀଳା ମାଧୁରୀ ଉପସ୍ଥାପନ କରି ଭାବ ଗମ୍ଭୀର ପରିବେଶ ସୃଷ୍ଟି କରିଥିଲେ। ସ୍ଥାନୀୟ ଅଞ୍ଚଳର ଭାଇ, ମା'ମାନେ ଏହି କର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସକ୍ରିୟ ସହଯୋଗ କରିଥିବାବେଳେ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

### ହୋଲିରେ ଛୁରା ମାଡ଼

# ବାପା ମୃତ, ମାଆ ଓ ପୁଅ ଗୁରୁତର

**ପରଜଙ୍ଗ,୫ା୩/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଥାନା ଅଧିନସ୍ଥ ସରାଙ୍ଗ ଫାଣ୍ଡି ଅନ୍ତର୍ଗତ ସୁବର୍ଣ୍ଣପୁର ପାଟଣା ସାହିରେ ଗତକାଲି (ବୁଧବାର) ଦିନ ପ୍ରାୟ ୨.୩୦ ଘଟିକା ସମୟରେ ଛୁରା ମାଡ଼ରେ ବାପା ମୃତ, ମା ଓ ପୁଅ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣଙ୍କ ମଧ୍ୟରେ ସରାଙ୍ଗ ଗ୍ରାମ ସୁବର୍ଣ୍ଣପୁର ପାଟଣା ସାହିର ବିଶ୍ୱନାଥ ବେଜ୍ (୫୨) ବୋଲି ଜଣାପଡ଼ିଛି। ସୁଜାତା ବେଜ୍(୪୮) , ସୌଭାଗ୍ୟ ବେଜ୍ (୧୫) ଦୁଇଜଣ ଗୁରୁତର ହୋଇଥିଲେ। ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ତାଳଚେର ଉପଖଣ୍ଡ ମଣ୍ଡାପାଳ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ବିଶ୍ୱନାଥଙ୍କୁ ମୃତ ଘୋଷଣା କରିବା ସହିତ ସୁଜାତା ଏବଂ ସୌଭାଗ୍ୟଙ୍କୁ ଅନୁଗୁଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସୁଜାତାଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ସେଠାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ, ଗତକାଲି ହୋଲି ଉତ୍ସବ ପାଳି ସାରିବା ପରେ ପୋଖରୀକୁ ଗାଧୋଇ ବାକୁ ଯାଇଥିଲେ। ତୁଠରେ ପ୍ରବୀଣ ବେଜ୍ ଓ ବିଶ୍ୱନାଥ ବେଜ୍‌ଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ପରେ ବିଶ୍ୱନାଥ ଘରକୁ ଆସି ଖାଇ, ପିଇ ଶୋଇଥିଲେ। ପ୍ରବୀଣ ବେଜ (୩୨) ଘଟଣାର ମୁଖ୍ୟ ଅଭିଯୁକ୍ତ ଏବଂ ତାର ପରିବାର ଲୋକ ବିଶ୍ୱନାଥଙ୍କ ଘରେ ପଶିଯାଇଥିଲେ। ପ୍ରବୀଣର ପରିବାରର ସମସ୍ତେ ବିଶ୍ୱନାଥଙ୍କୁ ଜୋର୍ କରି ଧରିଥିବା ବେଳେ ପ୍ରବୀଣ ମଦ ପିଇ ଉତ୍ତେଜିତ ହୋଇ ଛୁରୀରେ ବିଶ୍ୱନାଥଙ୍କ ଛାତି ତଳ ପେଟରେ ଛୁରୀ ମାରିଥିଲେ। ଏହାକୁ ବିରୋଧ କରିବାରୁ ସୁଜାତା ଓ ଶୌଭାଗ୍ୟଙ୍କୁ ମଧ୍ୟ ଛୁରୀ ଦ୍ୱାରା ଆକ୍ରମଣ କରାଯାଇଥିଲା। ଏହି ଘଟଣା ଦେଖି ଝିଅ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। କିଛି ସମୟ ପାଇଁ ସରାଙ୍ଗ ଗାଁ ରଣକ୍ଷେତ୍ର ପାଲଟି ଯାଇଥିଲା। ପରେ ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରି ଗୁରୁତରମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ପ୍ରବୀଣକୁ ଗିରଫ କରିଥିଲେ। ଆଜି (ଗୁରୁବାର) ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ କେସ୍‌କୁ ଅନୁଧ୍ୟାନ କରୁଛି ପରଜଙ୍ଗ ପୁଲିସ। ଆଜି ବିଶ୍ୱନାଥଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାରେ କାମାକ୍ଷାନଗର ଥାନା ଅଧିକାରୀ ରଜନୀକାନ୍ତ ସାମଲ, ପରଜଙ୍ଗ ଥାନା ଅଧିକାରୀ ଧିରେନ କୁମାର ବେହେରା, ସରାଙ୍ଗ ଫାଣ୍ଡି ଅଧିକାରୀ ଶୌଭାଗ୍ୟ କୁମାର ପାଣି ମିଳିତ ଭାବେ ତଦନ୍ତ ଚଳାଇଛନ୍ତି।

## ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ



**ତାଳଚେର,୫ା୩/ଏନ୍‌ଏନ୍‌ଏସ୍:** ଦେଶରେ କର୍କଟ ରୋଗ ଉଗ୍ରରୂପ ନେଉଥିବା ବେଳେ ଏହାକୁ ଦୂରେଇ ରଖିବାକୁ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ତାଳଚେର ମଣ୍ଡାପାଳ ସ୍ଥିତ ସରକାରୀ ଡାକ୍ତରଖାନାରେ ଏହାର ଶୁଭାରମ୍ଭ ହୋଇଯାଇଛି। ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ଗୋଟିଏ ମାତ୍ର ଟିକା ୧୪-୧୫ବର୍ଷର ଝିଅ ଓ ଛାତ୍ରୀମାନଙ୍କୁ ପ୍ରଥମେ ପ୍ରଦାନ କରାଯାଇଥିଲା। ତାଳଚେର ମଣ୍ଡାପାଳ ଚିକିତ୍ସାଳୟରେ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଡିଏମ୍‌ଓ ଡାକ୍ତର ମଦନମୋହନ ପ୍ରଧାନ ଏବଂ ଅନ୍ୟତମ ଅତିଥିଭାବେ ଏଡିପିଏଚ ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା, ସର୍ଜରୀ ଡାକ୍ତର ବିନୟ ପାଢ଼ୀ, ସ୍ତ୍ରୀରୋଗ ବିଶେଷଜ୍ଞ ଡା ବଳରାମ ପ୍ରଧାନ, ଏଚ୍‌ଏମ୍ ଗୀତାଞ୍ଜଳି ସ୍ୱାଇଁ, କ୍ୱାଲିଟି ସୁପରଭାଇଜର୍ ସ୍ୱରୂପାସଙ୍ଗୀତା ସାମଲ, ଏନ୍‌ଏମ୍ ଜ୍ୟୋତିର୍ମୟୀ ଦେହୁରୀ, ରଶ୍ମିତା ସାହୁ, ସ୍ନେହଲତା ସାହୁ, ଗୌରୀ ବେହେରା, ଐଶ୍ୱରୀୟ ଦେବତା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତେବେ ସର୍ବପ୍ରଥମେ ଆଶାକର୍ମୀ ସତ୍ୟଭାମା ସେଠୀଙ୍କ ତତ୍ତ୍ୱାବଧାନରେ ୧୦ନଂ ୱାର୍ଡ କିଶୋରଗଞ୍ଜ ପାଟଣାର ନବମ ଶ୍ରେଣୀ ଛାତ୍ରୀ ସ୍ୱୟଂଶ୍ରୀ ଶ୍ୱୟସ୍ମିତା ଟିକା ନେଇଥିଲେ।

## ନଦୀରେ ବୁଡ଼ି ଯୁବକ ନିଖୋଜ



**ଆଳି,୫ା୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଟୁଙ୍ଗୀ ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀରେ ବୁଡି ଯୁବକ ନିଖୋଜ। ନିଖୋଜ ଯୁବକ ହେଉଛନ୍ତି ଟୁଙ୍ଗୀ ଗ୍ରାମର ଶୁଭ ସଂକଳ୍ପ ବାରିକ। ଶୁଭ ସଂକଳ୍ପ ବୁଧବାର ଦିନ ସାଙ୍ଗମାନଙ୍କ ସହ ହୋଲି ଖେଳି ସାରି ସାଙ୍ଗମାନଙ୍କ ସହ ଖରସ୍ରୋତା ନଦୀରେ ଗାଧୋଉଥିଲେ। ଗାଧୋଉଥିବା ସମୟରେ ନଦୀ ଗର୍ଭରେ ସେ ଭାସି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ଚେଷ୍ଟା କରିଥିଲେ ମଧ୍ୟ ଉଦ୍ଧାର କରି ପାରିନଥିଲେ। ସେମାନେ ଆସି ଗ୍ରାମରେ ଜଣାଇବା ପରେ ଗ୍ରାମବାସୀଙ୍କ ସହ ଆଳି ଦମକଳ ବାହିନୀ ଓ ଓଡ୍ରାଫ ଟିମ୍ ନଦୀରେ ବୋଟ ସାହାଯ୍ୟରେ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଯୁବକଙ୍କୁ ଉଦ୍ଧାର କରାଯାଇ ପାରିନି। ଗୁରୁବାର ଅପରାହ୍ନ ସୁଦ୍ଧା ଯୁବକଙ୍କୁ ଉଦ୍ଧାର କରା ଯାଇପାରି ନଥିବା ଜଣାପଡିଛି।

# ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ

**ପରଜଙ୍ଗ,୫ା୩/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପରଜଙ୍ଗ ସ୍ଥିତ ସତ୍ୟ ପ୍ୟାଲେସ୍ ସଭା ଗୃହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପରିବହନ ମନ୍ତ୍ରୀ ତଥା ପରଜଙ୍ଗ ବିଧାୟକ ଡଃ ନୃସିଂହ ଚରଣ ସାହୁ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରି ବିଜୁ ପଟ୍ଟନାୟକଙ୍କ ଫଟୋ ରେ ମାଲ୍ୟାର୍ପଣ କରିଥିଲେ। ତିନି ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ତଥା ଜିଲ୍ଲାପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଏକ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ରୁନୁ ବର୍ମା, ଦୁଇ ନଂ ଜୋନ୍‌ର ଜିଲ୍ଲାପରିଷଦ ସଦସ୍ୟ ନିରାକାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାଶୀନ ହୋଇଥିଲେ। ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ ମଞ୍ଚ ପରିଚାଳନା କରିବା ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନୀ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀରେ ତାଙ୍କର



ଜୀବନୀ, ଦେଶ ଭକ୍ତି ଓ ରାଜନୈତିକ ଜୀବନ ଆଦି ଅଭିଭାଷଣରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜେଡି ଜିଲ୍ଲା ସଭାପତି ସୁବ୍ରତ କୁମାର ଦାସ, ପରଜଙ୍ଗ ବିଜେଡି ବ୍ଲକ୍ ସଭାପତି ଶ୍ରୀ ବେହେରା, କଙ୍କଡାହାଡ ବିଜେଡି ବ୍ଲକ୍ ସଭାପତି, ବିଭିନ୍ନ ପଞ୍ଚାୟତରେ ଆସିଥିବା ବରିଷ୍ଠ ବିଜେଡି କର୍ମୀ ଉପସ୍ଥିତ ରହି ୧୧୦ତମ ଜନ୍ମ ଜୟନ୍ତୀ ପାଳନ କରିଥିଲେ।

# ୬.୫ ଲକ୍ଷ ଠକି ନେଲେ ସାଇବର୍ ଠକ

**କେନ୍ଦ୍ରାପଡ଼ା,୫ା୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଗୁଲନଗର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଘର ନିର୍ମାଣ କରିବା ପାଇଁ ରଡ୍ ଓ ସିମେଣ୍ଟ ଶସ୍ତା ଦରରେ ଯୋଗାଇ ଦେବାକୁ କହି ସାଇବର୍ ଠକ ୬ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଛନ୍ତି। ଏ ନେଇ ଠକାମୀର ଶିକାର ହୋଇଥିବା ବ୍ୟକ୍ତି ଗୁଲନଗର ଗ୍ରାମର ଖଗେଶ୍ୱର ସେଠୀ କଟକ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ଘର ନିର୍ମାଣ କରିବାର ଯୋଜନା ଥିଲା। କିନ୍ତୁ ଏକ ଅଜଣା ନମ୍ବରରୁ ତାଙ୍କ ସାନ ଭାଇଙ୍କ ଫୋନ୍‌କୁ ଏକ କଲ୍ ଆସିଥିଲା। ସଂପୃକ୍ତ ବ୍ୟକ୍ତି ଜଣକ ଏକ ଦାମୀ ସିମେଣ୍ଟ କମ୍ପାନୀର ନିର୍ବାହୀ ଅଧିକାରୀ କୁଳଦୀପ ଅଗ୍ରୱାଲ ବୋଲି ପରିଚୟ ଦେଇଥିଲେ। ଖଗେଶ୍ୱର ସଂପୃକ୍ତ ବ୍ୟକ୍ତିଙ୍କ ସହ କଥା ହୋଇଥିଲେ। ଶସ୍ତାରେ ରଡ୍ ଓ ସିମେଣ୍ଟ ଯୋଗାଇ ଦେବେ ବୋଲି ବ୍ୟକ୍ତି ଜଣକ ଖଗେଶ୍ୱରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସଂପୃକ୍ତ ବ୍ୟକ୍ତିଙ୍କ କଥାରେ ବିଶ୍ୱାସ କରି ଖଗଶ୍ୱର ତାଙ୍କ ଆକାଉଣ୍ଟରୁ ୬ ଲକ୍ଷ ୫୦ ହଜାର ଟଙ୍କା ଏନ୍‌ଇଏଫ୍‌ଟି ଜରିଆରେ ସଂପୃକ୍ତ ବ୍ୟକ୍ତି କହିଥିବା ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଏହାପରେ ସଂପୃକ୍ତ ଫୋନ୍ ନମ୍ବରଟି ସ୍ୱିଚ୍ ଅଫ୍ ହୋଇ ଯାଇଥିଲା। ଏହାପରେ ଖଗେଶ୍ୱର ଜାଣିବାକୁ ପାଇଥିଲେ ସେ ସାଇବର୍ ଠକଙ୍କ ଶିକାର ହୋଇଛନ୍ତି। ତେଣୁ ସେ ପ୍ରଥମେ କେନ୍ଦ୍ରାପଡ଼ା ସଦର ଥାନାକୁ ଯାଇଥିଲେ। ସଦର ଥାନା ପୁଲିସର ନିର୍ଦ୍ଦେଶ ମୁତାବକ ସେ କଟକ ସାଇବର୍ ଥାନାକୁ ଯାଇଥିଲେ। ସେଠାରେ ଠକେଇ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ପ୍ରାକ୍ତନ ଅଧ୍ୟକ୍ଷ ଅତୁଲ ବଳଙ୍କ ପରଲୋକ

**ରାଜନଗର,୫ା୩/ଏନ୍‌ଏନ୍‌ଏସ୍:** ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଅତୁଲ କୁମାର ବଳଙ୍କ ପରଲୋକ ହୋଇଯାଇଛି। ୨୦୨୩ ମସିହା ମେ' ମାସ ୩୧ ତାରିଖରେ ପ୍ରାଧ୍ୟାପକ ଶ୍ରୀ ବଳ ଅଧ୍ୟକ୍ଷ ପଦବୀ ସହ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ ପୂର୍ବରୁ ମଧ୍ୟ ମହାବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟକ୍ରମ ଜାରୀ ରଖିଥିଲେ। ଅଧ୍ୟକ୍ଷ ପଦ ଗ୍ରହଣ କରିବା ପରେ ମହାବିଦ୍ୟାଳୟର ପରିବେଶକୁ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। କିଛି ମାସ ହେବ ସେ ଅସୁସ୍ଥ ଥିଲେ । ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ ନିଜ ଜନ୍ମସ୍ଥାନ ଆଳି ବ୍ଲକ୍ ଗଭାଡିଆସ୍ଥିତ ନିଜ ବାସଭବନରେ ମୃତ୍ୟୁବରଣ କରିଛନ୍ତି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜନଗର ବ୍ଲକରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ କବି, ଲେଖକ ଓ ବିଶେଷକରି ପ୍ରଚ୍ଛଦ ଶିଳ୍ପୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ମିତା ରାଉତଙ୍କ ସହ ବରିଷ୍ଠ ଅଧ୍ୟାପକ ଅଭିମନ୍ୟୁ ରାଉତ, ବିଚିତ୍ର ପାଣି, ରାଜଶ୍ରୀ ସାମନ୍ତ, ଅନୁସୂୟା ବେହେରା, ବସନ୍ତ କୁମାର ବେହେରା ପ୍ରମୁଖଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ଶୋକବ୍ୟକ୍ତ କରିଛନ୍ତି ।ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

## ଚୋରାମଦ ଜବତ, ୫ ଗିରଫ



**କେନ୍ଦ୍ରାପଡ଼ା,୫ା୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଜମ୍ବୁ ସାମୁଦ୍ରିକ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ପ୍ରଭାକରପୁର ଗ୍ରାମର ବଚନ ଖିଲାର(୩୬)ଙ୍କ ଠାରୁ ୧୬୦୦ ଲିଟର ଗୁଡ଼ପୋଚ ଓ ପ୍ରତାପ ଖିଲାର(୫୨)ଙ୍କ ଠାରୁ ୪୦ ଲିଟର ଦେଶୀ ରନ୍ଧା ମଦ, କୋଟସାହି ଗ୍ରାମର ଖଗେଶ୍ୱର ବେହେରା(୫୦)ଙ୍କ ଠାରୁ ୧୧୦ ଲିଟର ବିଦେଶୀ ମଦ, ଅନ୍ଦଳ ଗ୍ରାମର ଗୋଲଖ ଚନ୍ଦ୍ର ନାୟକ(୫୦)ଙ୍କ ଠାରୁ ୨୨୦ ଲିଟର ବିଦେଶୀ ମଦ ଓ ଏରା ଗ୍ରାମର ସୁଶାନ୍ତ ମଲ୍ଲିକ(୨୪)ଙ୍କ ଠାରୁ ୫୫ ଲିଟର ଦେଶୀ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୦୨୫ ଲିଟର ବିଦେଶୀ, ଦେଶୀ, ଦେଶୀ ରନ୍ଧା ଓ ଗୁଡପୋଚ ଚୋରାମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସହକାରୀ ଉପନିରୀକ୍ଷକ ସୁନୀଲ କୁମାର ମିଶ୍ର, ଜଗନ୍ନାଥ ବେସ୍ରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଟିପିଏନ୍‌ଓଡିଏଲ୍‌ର କୌଶଳ ବିକାଶ କେନ୍ଦ୍ର



**ବାଲେଶ୍ୱର,୫।୩/ଏନ୍‌ଏନ୍‌ଏସ୍:** ବିଦ୍ୟୁତ୍ ସେବା ଯୋଗାଣରେ ବିଦ୍ୟୁତ୍ କର୍ମଚାରୀ ଆଧୁନିକ ଉପକରଣ ଏବଂ ଜ୍ଞାନକୌଶଳର ବ୍ୟବହାର କରୁଛନ୍ତି । କ୍ଷେତ୍ର କର୍ମଚାରୀଙ୍କ ବ୍ୟବହାରିକ ଜ୍ଞାନ ବୃଦ୍ଧି, ସୁରକ୍ଷିତ କାର୍ଯ୍ୟପନ୍ଥା ଓ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦିଗରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ବା ଟିପିଏନ୍‌ଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ କୌଶଳ ବିକାଶ କେନ୍ଦ୍ର ସ୍ଥାପିତ ହୋଇଛି । ବାଲେଶ୍ୱର ସହର ସମେତ ମୟୂରଭଞ୍ଜର ବେତନଟୀ, କେନ୍ଦୁଝରର ଯୋଡ଼ା, ଭଦ୍ରକର ରାହାଞ୍ଜା ଓ ଯାଜପୁରର ପାଣିକୋଇଲିରେ ଏହି କୌଶଳ ବିକାଶ କେନ୍ଦ୍ର ସ୍ଥାପନ କରାଯାଇଛି । କର୍ମଚାରୀଙ୍କ ଦକ୍ଷତା ବିକାଶ ସହ ସହକାରୀ ସଂସ୍ଥା କର୍ମଚାରୀ ତଥା ଡିପ୍ଲୋମା ଏବଂ ଆଇଟିଆଇ ଛାତ୍ରଛାତ୍ରୀଙ୍କ କୌଶଳ ଓ ବ୍ୟବହାରିକ ଜ୍ଞାନବୃଦ୍ଧି କରିବା ପାଇଁ ଟିପିଏନ୍‌ଓଡିଏଲ୍‌ର ଏହା ଅଭିନବ ପଦକ୍ଷେପ । ସୂଚନାନୁସାରେ ବିଭିନ୍ନ ସରକାରୀ ଆଇଟିଆଇ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପିଲାଙ୍କ ବ୍ୟବହାରିକ ଦକ୍ଷତା ବୃଦ୍ଧି ପାଇଁ ଗତ ବର୍ଷରେ ୫ ଜିଲ୍ଲାର ୩୫୪ ଇଲେକ୍ଟ୍ରିସିଆନ୍ ଛାତ୍ରଛାତ୍ରୀଙ୍କୁ ତାଲିମ୍ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ୪୪୦ ଜଣ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ସେହିପରି ବିଗତ ବର୍ଷରେ ୪ ହଜାରରୁ ଅଧିକ କର୍ମଚାରୀ ଏହି କେନ୍ଦ୍ରରୁ ତାଲିମ୍ ନେଇଥିବା ବେଳେ ଚଳିତ ବର୍ଷ ୧୩,୮୮୭ ଜଣ ଟାଟା ପାୱାର୍ ତଥା ସହଯୋଗୀ ସଂସ୍ଥାର କର୍ମଚାରୀ ମଧ୍ୟ ତାଲିମ୍ ନେଇଛନ୍ତି । ସମୁଦାୟ ୬୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସୁରକ୍ଷା ସମ୍ପର୍କରେ ୨୩୫ଟି ଓ ବୈଦ୍ୟୁତିକ କାର୍ଯ୍ୟ ସମ୍ପର୍କରେ ୩୭୪ଟି ତାଲିମ୍ ଦିଆଯାଇଛି । ଏହାସହି 'ଟ୍ରେନ୍ ଟୁ ହାୟାର୍' ଭଳି ଅଭିନବ ଯୋଜନା ଟିପିଏନ୍‌ଓଡିଏଲ୍ ପକ୍ଷରୁ ଆରମ୍ଭ କରାଯାଇଛି । ଏଥିରେ ବିଭିନ୍ନ ସରକାରୀ ଡିପ୍ଲୋମା ଇଲେକ୍ଟ୍ରିକାଲ୍ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ୍‌ରେ ପ୍ରଶିକ୍ଷଣ ଦିଆଯାଇ ପରେ ସେମାନଙ୍କୁ ଟିପିଏନ୍‌ଓଡିଏଲ୍‌ରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯାଉଛି । ଏହି ପଦକ୍ଷେପ କେବଳ ଓଡ଼ିଶାର ଯୁବକଙ୍କ ଦକ୍ଷତା ବୃଦ୍ଧି ନୁହେଁ ବରଂ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ସାମଗ୍ରିକ ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରେ ସହାୟକ ହେଉଥିବା ଟିପିଏନ୍‌ଓଡିଏଲ୍‌ର ପରିଚାଳନା ମୁଖ୍ୟ ନିଲେଶ ପୋଟଫଡ଼େ କହିଛନ୍ତି । ବହିରେ ପଢୁଥିବା ପାଠକୁ ବାସ୍ତବ କ୍ଷେତ୍ରରେ ବ୍ୟବହାର କରିବା ତଥା ସେଦିଗରେ ଅଧିକ ଜାଣିବାର ସୁଯୋଗ ମିଳୁଛି ବୋଲି ଆଇଟିଆଇ ଛାତ୍ର ସୌମ୍ୟରଞ୍ଜନ ସାହୁ କହିଛନ୍ତି । ତେବେ ଟିପିଏନ୍‌ଓଡିଏଲ୍‌ର କୌଶଳ ବିକାଶ କେନ୍ଦ୍ର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ସହ କାର୍ଯ୍ୟ କ୍ଷେତ୍ରରେ ବୈଦ୍ୟୁତିକ ଦୁର୍ଘଟଣା ଏଡ଼ାଇବା କ୍ଷେତ୍ରରେ ବେଶ୍ ସହାୟକ ହୋଇପାରିଛି ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ।

# ତେଲକୋଇ ରେଞ୍ଜରେ ବଢୁଛି ହାତୀ ଉପଦ୍ରବ

## ଘର ଭାଙ୍ଗିବା ସହ ଧାନ ଓ ପନିପରିବା ନଷ୍ଟ





**ତେଲକୋଇ,୫।୩/ଏନ୍‌ଏନ୍‌ଏସ୍:** କେନ୍ଦୁଝରେ ବନଖଣ୍ଡ ତେଲକୋଇ ରେଞ୍ଜରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି । ବିମଳା ଫରେଷ୍ଟ ବିଟ୍ ବନବିହାରୀପୁର ଗାଁରେ ଦୁଇ ଟିକିଆ ହାତୀ ପଶି ଉତ୍ପାତ କରିଥିବା ଜଣାପଡ଼ିଛି । ଗ୍ରାମର ହରିଶ୍ଚନ୍ଦ୍ର ମହାନ୍ତ ଓ ତାଙ୍କ ସ୍ତ୍ରୀ ଘର ଭିତରେ ଶୋଇଥିବାବେଳେ କାନ୍ଥ ଶୋଇବା ଖଟ ଉପରେ ପଡ଼ିଥିଲା । ଭୟରେ ସ୍ୱାମୀ ସ୍ତ୍ରୀ ଉଠି ପଳାଇ ଯାଉଥିବାବେଳେ ଘରର ଝରକାକୁ ତାଡ଼ି ସେମାନଙ୍କ ଉପରକୁ ଦନ୍ତା ହାତୀ ଫିଙ୍ଗିବା ଫଳରେ ହରିଶ୍ଚନ୍ଦ୍ରଙ୍କ ସ୍ତ୍ରୀ ବିମଳାଙ୍କ ମୁଣ୍ଡରେ ବାଜିଲା । ତାଙ୍କୁ ରାତିରେ ତୁରନ୍ତ ବନ କର୍ମଚାରୀ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ବନ କର୍ମଚାରୀ ତାଙ୍କୁ ଘରେ ଛାଡ଼ିଥିଲେ ।

ସେହିପରି ବିମଳା ଫରେଷ୍ଟ ବିଟ୍ ଉଦୟଗିରି ଗାଁରେ ପଲୁଆ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି । ମଙ୍ଗଳବାର ବିଳମ୍ବିତ ରାତିରେ ପଲୁଆହାତୀ ଉଦୟଗିରି ଗ୍ରାମରେ ଧଶେଇ ପଶି ହାର ନାୟକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବାବେଳେ ବନ୍ଧିଲ ନାୟକଙ୍କ ଆଜବେଷ୍ଟ ଭାଙ୍ଗି ଧାନ ଚାଉଳ ଖାଇ ଯାଇଥିଲେ । କୌଶଳକ୍ରମେ ବସନ୍ତ ନାୟକଙ୍କ ପରିବାର ସଦସ୍ୟ ଝରକା ଭାଙ୍ଗି ବାହାରକୁ ପଳାଇ ଜୀବନ ବଞ୍ଚାଇଥିଲେ । ଅନ୍ୟପଟେ ଗାଁର ଅରୁଣ ସେଠୀ, ଦିବାକର ସାମଲ, ରାହାସ ସାମଲ, ଅନ୍ତର ସାମଲ, ଦିପୁ ସାମଲ, ଦୁଷ୍ମନ୍ତ ସାମଲଙ୍କ ପନିପରିବା ବଗିଚା, ଆଳୁ ଫସଲ ଓ କଦଳୀ ଗଛ ଖାଇବା ସହ ଦଳିମକଚି ନଷ୍ଟ କରିଦେଇଛନ୍ତି । ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ହାତୀପଲ ତାଣ୍ଡବ ରଚିଥିଲେ । ଶେଷରେ ରାତି ପାହିଲା ବେଳକୁ ବନ ବିଭାଗ ପହଞ୍ଚି ହାତୀପଲଙ୍କୁ ଗାଁ ନିକଟ ଢିଙ୍କେଶ୍ୱରୀ ଜଙ୍ଗଲକୁ ଘଉଡ଼ାଇଥିଲା ।

# ପର କଲା ପରିବାର, ନିଜର କଲା ବୃଦ୍ଧାଶ୍ରମ



**ସୋର,୫।୩/ଏନ୍‌ଏନ୍‌ଏସ୍:** ଦୁନିଆ ଆଗରେ ପିଲାଙ୍କୁ ମୁଣ୍ଡ ଟେକି ଚଲାଇବା ପାଇଁ ବଳ ବୟସ ଥିବାବେଳେ ଚେଷ୍ଟା କରିଥିବା ବାପା-ମାଆ ପରିଣତ ବୟସରେ ବୃଦ୍ଧାଶ୍ରମରେ ଜୀବନ କଟାଉଛନ୍ତି । ଯେଉଁ ପିଲାଙ୍କୁ ଲହୁଲୁହ ବୁହାଇ ମଣିଷ କରିଥାନ୍ତି ସେମାନେ ଚାକିରି କରିବା ପରେ ବାପା-ମାଆଙ୍କୁ ପର କରିଦିଅନ୍ତି । ଶେଷ ଆଶାବାଡ଼ି ବୋଲି ଯେଉଁ ପୁଅକୁ ବାପା-ମାଆ ସବଳ କରିଥାନ୍ତି ବୃଦ୍ଧାବସ୍ଥାରେ ସେମାନେ ବାପା-ମାଆଙ୍କ ବଳ ହେବା ବଦଳରେ ବୃଦ୍ଧାଶ୍ରମରେ ଛାଡ଼ି ଦେଇଥାନ୍ତି । ଅବଶ୍ୟ ଏହା କେତେକାଂଶରେ ଦେଖିବାକୁ ମିଳେ ତା'ହେଲେ ବୃଦ୍ଧାବସ୍ଥା ସତରେ କ'ଣ ଅଭିଶାପ ବୋଲି ଆଜି ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀମାନେ ନିଜକୁ ପ୍ରଶ୍ନ ପଚାରୁଛନ୍ତି । କାହାର ପୁଅ ବାହାରେ ଚାକିରି କରିଥିବାବେଳେ ଘରେ ବୁଢ଼ା ବାପା ଏକୁଟିଆ ହୋଇଯାଇ ଶେଷରେ ବୃଦ୍ଧାଶ୍ରମ ଆସିଛି ତ କେଉଁଠି ପୁଣି ବାପାଙ୍କ ମୃତ୍ୟୁ ପରେ ମାଆ ଅଲୋଡ଼ା ହୋଇ ବୃଦ୍ଧାଶ୍ରମରେ ଜୀବନ କାଟୁଛି । ଯେଉଁ ବୟସରେ ବାପା-ମାଆ ପୁଅ ବୋହୂର ଟିକେ ସାହାରା ଆଉ ନାତି ନାତୁଣୀଙ୍କ ସ୍ନେହ ମମତାରେ ଦିନ କାଟିବା କଥା ଏବେ ସେମାନେ ବୃଦ୍ଧାଶ୍ରମରେ ଏକୁଟିଆ ଦିନ କାଟି ନିରୋଳାରେ ଆଖିରୁ ଲୁହ ଝରାଉଛନ୍ତି । ପୁଅର ଯେଉଁ ହାତ ବୃଦ୍ଧ ବାପା-ମାଆଙ୍କ ପାଇଁ ବଢ଼ିବା କଥା ଆଜି ଖଣ୍ଡେ ବାଉଁଶ ବାଡ଼ିର ସାହାରାରେ ବାଟ ଚାଲୁଛନ୍ତି । ଏମିତି ଅସହାୟ ବାପା-ମାଆଙ୍କୁ ସାହାରା ଦେବା ପାଇଁ ୨୦୧୧ରେ ନିଜସ୍ୱ ଉଦ୍ୟମରେ ଗଢ଼ା ହୋଇଛି 'ଶିବ ମୁନି ସେବା ସଂଗଠନ ନିରାଶ୍ରୟଶ୍ରମ ।'

ତେବେ ବୃଦ୍ଧାଶ୍ରମ ଗଢ଼ି ତୋଳିବାରେ ମନ ବଳାଇ ଅସହାୟ ବାପା-ମାଆଙ୍କ ସାହାରା ପାଲଟିଥିବା ଯୋଗୀ ସୁଧାକର ମୁନି କହିଛନ୍ତି ଯେ ଏହି ଆଶ୍ରମ ୨୦୧୧ରୁ ଆରମ୍ଭ ହେଲାଣି । ଛୋଟବେଳୁ ମୋ ବାପା-ମାଆଙ୍କ ଦେହାନ୍ତ ହୋଇଥିଲା । ମୁଁ ତାଙ୍କୁ ସେବା ଦେଇ ପାରିନାହିଁ କିମ୍ବା ସ୍ନେହ ମମତା ପାଇ ପାରିନାହିଁ । ସେଥିପାଇଁ ୨୦୦୯ ମସିହାରେ ମୁଁ ଯୋଗାଶ୍ରମ କରିବା ସହ କିଛି ନିରାଶ୍ରୟ ଲୋକଙ୍କୁ ସେବା ଯୋଗାଇବା ପାଇଁ ମନସ୍ଥ କରିଥିଲି । ତା' ପରେ ମୁଁ ଜମି ଖୋଜିବା ଆରମ୍ଭ କରିଥିଲି । ଏ ଜମି ଆମକୁ ଶରତ ପଣ୍ଡା ଓ ତାଙ୍କର ତିନି ଭାଇ ଦାନରେ ଦେଇଛନ୍ତି । ପ୍ରଥମେ ସୋର ଅଞ୍ଚଳର ଦାମୋଦର ପୁହାଣ ଆଶ୍ରମ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ପରେ ମାଗି ଯାଚିକି ଆଶ୍ରମ ଚଲାଇଛି । ଅନେକ ବଦାନ୍ୟ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ପାଇଁ ଏ ଆଶ୍ରମ ଆଜି ନିଜ ଗୋଡ଼ରେ ଛିଡ଼ା ହୋଇଛି । ଏଠି ୨୦ରୁ ୨୨ ଜଣ ବୃଦ୍ଧ ରହୁଛନ୍ତି । ସେମାନଙ୍କ ସହ ୧୫ଟି ଗୋରୁଗାଈଙ୍କ ସେବା କରିବା ଦ୍ୱାରା ମୁଁ ଟିକେ ଶାନ୍ତି ପାଉଛି । ସେମାନଙ୍କ ଝାଡ଼ା ପରିଶ୍ରା ସଫା କରିବାରେ ମୋତେ ଶାନ୍ତି ଲାଗେ । ଏଠି ପ୍ରତ୍ୟକ୍ଷ ଭଗବାନଙ୍କର ସେବା ମୁଁ କରୁଛି ତାହା ହିଁ ମୋ ଜୀବନର ଶେଷ ଲକ୍ଷ୍ୟ ।

# ରୋଟାରୀ କ୍ଲବ୍ ପକ୍ଷରୁ ମଣ୍ଡଳ କାରାଗାରରେ ଚଷମା ବଣ୍ଟନ

**ବାରିପଦା,୫।୩/ଏନ୍‌ଏନ୍‌ଏସ୍:** ବାରିପଦା ମଣ୍ଡଳ କାରାଗାରରେ ଅନ୍ତେବାସୀଙ୍କ ନିମନ୍ତେ ଜାନୁଆରୀ ୨୧ରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୪୧ ଜଣଙ୍କ ପାଇଁ ପାୱାର୍ ଚଷମାର ଆବଶ୍ୟକତା ଥିବା ଚକ୍ଷୁ ବିଶେଷଜ୍ଞମାନେ କମ୍ପ୍ୟୁଟର ପରୀକ୍ଷା ମାଧ୍ୟମରେ ପ୍ରେସ୍‌କ୍ରିପସନ୍ କରିଥିଲେ । ତଦନୁଯାୟୀ କ୍ଲବ୍ ଆନୁକୂଲ୍ୟରେ ଚଷମା ତିଆରି କରି ଉପରୋକ୍ତ ୪୧ ଅନ୍ତେବାସୀଙ୍କୁ ପାୱାର ଚଷମା ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କାରାଗାରର ବରିଷ୍ଠ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀ, କାରାପାଳ ଶଶିକାନ୍ତ ମାହାଳିକ, କ୍ଲବ୍ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ପ୍ରାକ୍ତନ ସଭାପତି ରବିନାରାୟଣ ମହାପାତ୍ର, ସୁନୀତ ପୁରୀ, ଡ଼ଃ ପୁଷ୍ପା ପାତ୍ର ଓ ରୋଟାରିଆନ୍ ଧରିତ୍ରୀ ପ୍ରହରାଜଙ୍କ ସହିତ ୨ ଜଣ ଅତିଥି ଆଶିଷ କୁମାର ବସା ଓ ରୋହିତ କୁମାର ରାଉଳ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ବାରିପଦା ରୋଟାରୀ କ୍ଲବ୍‌ର ସଦସ୍ୟଙ୍କ ସହାୟତାରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।




## ସଦ୍‌ଭାବନା ସମିତିର ସନ୍ଥ ଦିବସ

# 'ସତ୍‌କର୍ମ ହେଉଛି ପ୍ରଜ୍ଞାର ଶଙ୍ଖନାଦ'



**ବାରିପଦା,୫।୩/ଏନ୍‌ଏନ୍‌ଏସ୍:** ବିଶ୍ୱ ସମୁଦାୟକୁ ପ୍ରଥମ ଜୟ ସନ୍ଥ ଜୟ ସମାଜର ସ୍ଲୋଗାନ୍ ଦେଇ ସଦ୍‌ଭାବନା ସମିତି ପକ୍ଷରୁ ୫୬୧ତମ ମାସିକ ସନ୍ଥ ଦିବସ ପାଳିତ ହୋଇଯାଇଛି । ସଦସ୍ୟ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ଯୋଗଦେଇ ସମାଜରେ ସତ୍‌କର୍ମ କରିବା ପାଇଁ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟର ଜନ୍ମ ହୋଇଛି । ଏଣୁ ସତ୍‌କର୍ମ ହେଉଛି ପ୍ରଜ୍ଞାର ଶଙ୍ଖନାଦ, ଦୁସ୍ଥ ମୁହଁରେ ହସ ଓ ମାନବିକତାର ବିକାଶ ବୋଲି ଶ୍ରୀ ବୁଗୁଡ଼େଇ କହିଥିଲେ । ଏଥିରେ ଡ. ବିଜୟ କୁମାର ଅଗ୍ରୱାଲା, ପଣ୍ଡିତ ଭାଗବତ ପଣ୍ଡା, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ସତ୍ୟସାଇ ସେବା ସଂସ୍ଥାନର ପଞ୍ଚାନନ ବେହେରା, ଡ. କୁଞ୍ଜବନ ପୃଷ୍ଟି, ଅଧ୍ୟାପକ ସୁନୀଲ କୁମାର ଜେନା, ଅଶୋକ କୁମାର ପଲେଇ, ସନ୍ଧ୍ୟାରାଣୀ ପଣ୍ଡା, ଅଜିତ କୁମାର କବାଟ, ନନ୍ଦ କୁମାର ମହାପାତ୍ର, ପୁଲିସ୍ ଅଧିକାରୀ ସୁଶାନ୍ତ କୁମାର ବେହେରା, ଡ. ଶଶଧର ବିଶ୍ୱାଳ ଓ କୈବଲ୍ୟ ମହାପାତ୍ର ପ୍ରମୁଖ ଯୋଗଦେଇ ଯେଉଁ ମଣିଷ ନିଜର ବୁଦ୍ଧି ବିବେକ ବଳରେ ବିଚାର ନକରି ସ୍ୱାଭିମାନ ହରାଏ ସେ ଭଣ୍ଡ, ପାଷାଣ୍ଡ ଓ ପାଖଣ୍ଡ ଭିତରେ ଗଣାଯାଏ ବୋଲି ମନ୍ତବ୍ୟ ରଖିଥିଲେ । ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେବାସହ ଆଗାମୀ ଅପ୍ରେଲ୍ ୧ ତାରିଖ ୪୭ତମ ମାନବ ଧର୍ମ ସମ୍ମିଳନୀକୁ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ ।

## ଜେଜେବାପା ଜେଜେମାଆ ସମ୍ମିଳନୀ

# 'ଶିଶୁଙ୍କ ମଧ୍ୟରେ ତାଙ୍କ ପୂର୍ବପୁରୁଷ ବଞ୍ଚି ରହିଥାନ୍ତି'



**ସୋର,୫।୩/ଏନ୍‌ଏନ୍‌ଏସ୍:** କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ଭାଗୀରଥୀ ସାହୁ ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଯୋଗଦେଇ ଶିଶୁ, ବାପାମାଆ ଏବଂ ଜେଜେବାପା ଜେଜେମାଆ ଏହି ତିନି ପୁରୁଷ ଶିଶୁର ଉନ୍ନତି ପାଇଁ ବିଦ୍ୟାଳୟ ସହ ଜଡ଼ିତ ହେବା ଉଚିତ ବୋଲି କହିଥିଲେ । ବିଦ୍ୟାଳୟର କୋଷାଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମହାପାତ୍ର ପ୍ରତ୍ୟେକ ଅଭିଭାବକ ଶିଶୁର ଉନ୍ନତି ପାଇଁ ବିଦ୍ୟାଳୟ ସହ ଯୋଡ଼ିହେବା ଉଚିତ୍ ବୋଲି ମତ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ଜେଜେବାପା ଜେଜେମାଆ ଶିଶୁଙ୍କ ଉନ୍ନତିର ମୂଳ କାରଣ ବୋଲି ମାର୍ଗଦର୍ଶନ କରିଥିଲେ । ସଭାପତି ଡ଼ଃ ଭାଗୀରଥି ସାହୁ ଶିଶୁଙ୍କ ମଧ୍ୟରେ ତାଙ୍କ ପୂର୍ବପୁରୁଷ ବଞ୍ଚି ରହିଥାନ୍ତି ବୋଲି ବକ୍ତବ୍ୟ ରଖିଥିଲେ । ଆଚାର୍ଯ୍ୟ କମଳାକାନ୍ତ ପତି ଅତିଥି ପରିଚୟ ଏବଂ ଆଚାର୍ଯ୍ୟା ଆଶାମଣି ରାଉତ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ ଉଦ୍‌ଯାପିତ

## ରାଜ୍ୟସ୍ତରୀୟ ପାଇଁ ୫ ପ୍ରତିଯୋଗୀ ମନୋନୀତ



**ବାଲେଶ୍ୱର,୫।୩/ଏନ୍‌ଏନ୍‌ଏସ୍:** ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱର ବିକାଶ ପାଇଁ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ-୨୦୨୬' ଉଦ୍‌ଯାପିତ ହୋଇଯାଇଛି । କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା ତଥା ବାଲେଶ୍ୱର ନେହେରୁ ଯୁବକେନ୍ଦ୍ର ପରିଷଦର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ପ୍ରାୟ ୩୮ ଜଣ ପ୍ରତିଯୋଗୀ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିଥିଲେ ଓ ଆମନ୍ତ୍ରିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସେଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା । ଏହି ପ୍ରତିଯୋଗିତା ପାଇଁ ୨୦୦ରୁ ଅଧିକ ପ୍ରତିଯୋଗୀଙ୍କ ପଞ୍ଜିକରଣ ହୋଇଥିବା ସୂଚନା ମିଳିଛି । ପୁରସ୍କାର ବିତରଣୀ ଉତ୍ସବରେ କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର୍ ସନ୍ତୋଷ ଅଗ୍ରୱାଲା, ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର୍ ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡିପିଓ ଡ଼କ୍ଟର୍ ପ୍ରତିମା ପ୍ରଧାନ ଓ ଡ଼କ୍ଟର ଗୌରାଙ୍ଗ ପଣ୍ଡା ପ୍ରମୁଖ ଅତିଥିଙ୍କ ଗହଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାରୁ ଚୟନୀତ ୫ ଜଣ ପ୍ରତିଯୋଗୀ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବେ ଏବଂ ସେଠାରୁ ୩ ଜଣ ପ୍ରତିଯୋଗୀ କେନ୍ଦ୍ରସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବାର ସୁଯୋଗ ପାଇବେ ।

## ଜିଲ୍ଲାସ୍ତରୀୟ 'ଶିଶୁ ସୁରକ୍ଷାରେ ସାମ୍ବାଦିକତା' ଆଲୋଚନାଚକ୍ର

# 'ଶିଶୁ ମୁଖରେ ଅସରନ୍ତି ହସ ଫୁଟାଇବା ପାଇଁ ଚେଷ୍ଟା ରହିବା ଜରୁରୀ'



**ଭଦ୍ରକ,୫।୩/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ଉଦ୍ଦେଶ୍ୟରେ 'ଶିଶୁ ସୁରକ୍ଷାରେ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଓ ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିଶୁ ସୁରକ୍ଷା ସମ୍ବନ୍ଧରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଆଲୋକପାତ କରିଥିବାବେଳେ ପ୍ରମୁଖ ଅତିଥିମାନେ ଶିଶୁ ସୁରକ୍ଷା ନିମିତ୍ତ ବିଧିବଦ୍ଧ ଆଇନ ବ୍ୟବସ୍ଥା, ଶିଶୁର ସଂଜ୍ଞା, ଶିଶୁର ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରି ଥଇଥାନ ଓ ତା'ର ସମ୍ମାନହାନି ନହେବା ପାଇଁ ସମବେତ ପ୍ରଚେଷ୍ଟା ଜାରି ରଖିବାକୁ ଚେଷ୍ଟିତ ହେବା ପାଇଁ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଜିଲ୍ଲାପାଳ କିଶୋର ନ୍ୟାୟ ବ୍ୟବସ୍ଥାରେ ଧାରା ୭୪ ଅନୁଯାୟୀ ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା, ଧାରା (୨୩) ଅନୁସାରେ ଶିଶୁର ଗୋପନୀୟତା ବଜାୟ ରଖିବା ସହ ତା'ର ପରିଚୟ, ମର୍ଯ୍ୟାଦା, ଫଟୋ ପ୍ରକାଶ ନହେବା, ସୁରକ୍ଷା ପ୍ରଦାନ ବା ଶିଶକୁ ଅପମାନ ଓ ଭେଦଭାବ ସୃଷ୍ଟି ନକରିବା ଅନୁଚିତ୍ ବୋଲି ଦର୍ଶାଇଥିଲେ । ସେଥିପାଇଁ ଗଣମାଧ୍ୟମ ସର୍ବଦା ସକରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ବିଷୟ ବିଷାରଦ ଭାବେ ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ଡ଼ା. ସୁଦର୍ଶନ ବାରିକ୍ ପୋଷ୍ୟ ସନ୍ତାନ ଗ୍ରହଣ ବେଳେ ଅନୈତିକ ଉପାୟ ଅବଲମ୍ବନ, ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ଉପରେ ଦୃଷ୍ଟି ନିକ୍ଷେପ କରି ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ । ଶିଶୁ ମୁଖରେ ଅସରନ୍ତି ହସ ଫୁଟାଇବା ପାଇଁ ଚେଷ୍ଟା ରହିବା ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଗଣମାଧ୍ୟମର ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ଅଶୋକ ନାୟକ, ଜ୍ଞାନରଞ୍ଜନ ପାଣି, ପ୍ରଭାତ ଦାସ, ଅଶ୍ୱିନି ପାଢ଼ୀ ଓ ନରେନ୍ଦ୍ର ସାମଲ ପ୍ରମୁଖ ଶିଶୁଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ତ୍ୱରିତ ସାହାଯ୍ୟ ଓ ଥଇଥାନ ଦିଗରେ ତ୍ୱରାନ୍ୱିତ କରିବାକୁ ମତବ୍ୟକ୍ତ କରିଥିଲେ । ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ ଧନ୍ୟବାଦ ଦେଇଥିଲେ ।

